## ସଂକ୍ଷେପରେ

### ମହିଳାଙ୍କଠାରୁ ଝାମ୍ପିନେଲେ ୧ଲକ୍ଷ ୫ ହଜାର

ଜଳେଶ୍ୱର, ୧୯।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ପାଖରୁ ୨ଜଣ ଯୁବକ କଳା ପଲସରରେ ଆସି ଜଣେ ମହିଳାଙ୍କ ପାଖରୁ ୧ଲକ୍ଷ ୫ହଜାର ଟଙ୍କା ଝାମ୍ପି ନେଇଛନ୍ତି। ଦୁର୍ବୃତ୍ତମାନେ ଜଳେଶ୍ୱର ସହର ଅଭିମୁଖେ ଯାଇ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଅଶୋକ ପାଳଙ୍କ ସ୍ତ୍ରୀ ମଞ୍ଜୁଲତା ତାଙ୍କ ପଡୋଶୀ ବିଜୟ ମହାନ୍ତିଙ୍କ ସହିତ ଏକ ସାଇକେଲ ଆସି ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ୧ଲକ୍ଷ ୫ହଜାର ଟଙ୍କା ବ୍ୟାଙ୍କ ଖାତାରୁ ଉଠାଇଥିଲେ। ପରେ ସାଇକେଲରେ ପ୍ରହରାଜପୁର ଗ୍ରାମକୁ ଯିବା ବେଳେ ଜଳେଶ୍ୱର ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ପାଖରେ ଲୁଟ୍‌ର ଶିକାର ହୋଇଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଆଖି ପିଛୁଳାକେ ଉଭାନ ହୋଇଯାଇଥିଲେ। ଯୁବକଦ୍ୱୟ ହେଲମେଟ ପିନ୍ଧିଥିଲେ ବୋଲି ମହିଳାଜଣକ କହିଛନ୍ତି।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବସ୍ତା, ୧୯।୩(ହରିଶଙ୍କର ପାଢୀ)

ମଙ୍ଗଳବାର ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତ କୁଶୁଡିହା ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ପତ୍ରଝଡ଼ାସ୍ଥିତ ଜଳକା ନଦୀରୁ ପାଣି ଆଣି ଜଳାଭିଷେକ କରିଥିଲେ। ପରେ ଯଜ୍ଞ ଆହୁତି, ନାମ ସଙ୍କୀର୍ତ୍ତନ, ୨୪ ପ୍ରହରୀ ନାମଯଜ୍ଞ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩ ଦିନ ଧରି ଏଠାରେ ମେଳା ଲାଗି ରହିବ। ଗ୍ରାମବାସୀଙ୍କ ପକ୍ଷରୁ ମନୋଜ ବେହେରା, ସୁରଞ୍ଜନ ସାମଲ, ବିଜୟ ବେହେରା, ଅଭିରାମ ଦାସ, ବସନ୍ତ ମଣ୍ଡଳ, କ୍ଷେତ୍ରମୋହନ ପରିଡ଼ା, ଅରୁଣ ମଣ୍ଡଳ, ନିରଞ୍ଜନ ସାମଲ, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ରୀଧର ବେହେରା, ଗୌତମ ବେହେରା, ରତିକାନ୍ତ ମଣ୍ଡଳ, ପ୍ରଦୀପ ମଣ୍ଡଳ ଓ ବିକାଶ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଆରମ୍ଭ ହେଲା ଔପଦା ମହୋତ୍ସବ

ଔପଦା, ୧୯।୩(ଧରିତ୍ରୀ ପଣ୍ଡା)

ଔପଦା ହାଇସ୍କୁଲ ପଡିଆରେ ଆମ ଔପଦା ମହୋତ୍ସବ ମଙ୍ଗଳବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ସଭାପତି ନିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ୫ ଦିନ ଧରି ହେବାକୁ ଥିବା ମହୋତ୍ସବରେ ଶାନ୍ତି, ଶୃଙ୍ଖଳା ବଜାୟ ରଖିବା ପାଇଁ ଜନସାଧାରଣଙ୍କର ସହଯୋଗ କାମନା କରିବା ସହ ସ୍ଥାନୀୟ ପ୍ରଶାସନର ସହାୟତା ଲୋଡ଼ାଯାଇଛି। ମହୋତ୍ସବ କମିଟିର ସମ୍ପାଦକ ଆଦିତ୍ୟ ନାରାୟଣ ବେହେରାଙ୍କ ସମେତ ବରିଷ୍ଠ ସଦସ୍ୟ ଶୁଭେନ୍ଦୁ କୁମାର ପଣ୍ଡା, ଅନ୍ତର୍ଯ୍ୟାମୀ ନାୟକ, ପୀତାମ୍ବର ବାରିକ, ଉଦୟ କୁମାର ସ, ପୂର୍ଣ୍ଣଚନ୍ଦ୍ର ସାହୁ, ଦେବେନ୍ଦ୍ର ଦାଶ, ମାନସ ମୁଦୁଲି ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ନେଇ ସର୍ଭେ ଆରମ୍ଭ

ବାଲେଶ୍ୱର, ୧୯।୩(ମାନସ ବିଶ୍ୱାଳ)


ପାସେଞ୍ଜର ହଲ୍ଟ ନିର୍ମାଣ ନେଇ ସର୍ଭେ କରୁଛନ୍ତି ରେଳ ବିଭାଗ କର୍ମଚାରୀ ଓ ଅଧିକାରୀ।

ବାଲେଶ୍ୱର ନିକଟସ୍ଥ କୁରୁଡ଼ାର ବାଙ୍ଗରା ଲେଭଲକ୍ରସିଂଠାରୁ ୩ ଶହ ମିଟର ଦୂରରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମଙ୍ଗଳବାର ମଧ୍ୟାହ୍ନରେ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କ ନିର୍ଦ୍ଦେଶରେ ବିଭାଗୀୟ କର୍ମଚାରୀମାନେ ଗ୍ରାଉଣ୍ଡ ଜିରୋରୁ ସର୍ଭେ ଆରମ୍ଭ କରିଛନ୍ତି। ଉକ୍ତ ସ୍ଥାନରେ ପାସେଞ୍ଜର ହଲ୍ଟ ନିର୍ମାଣ ଏବଂ ବାଙ୍ଗରା ଲେଭଲ କ୍ରସିଂରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇ ବିଭିନ୍ନ ସମୟରେ ଆନ୍ଦୋଳନ, ସତ୍ୟାଗ୍ରହ କରାଯାଇଥିଲା। ତେବେ ମାର୍ଚ୍ଚ ୧୪ତାରିଖରେ 'ବାଙ୍ଗରା ରେଳଷ୍ଟେଶନ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ରେଳରୋକୋ କରିବାକୁ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଗତ ୧୩ତାରିଖରେ କମିଟିର ସଦସ୍ୟମାନେ ଡିଆରଏମ୍‌ଙ୍କ ସହ ଖଡ଼ଗପୁରରେ ଆଲୋଚନା କରି ରେଳଷ୍ଟେଶନ ନିର୍ମାଣ ଲାଗି ଲିଖିତ ପ୍ରତିଶ୍ରୁତି ପାଇଥିଲେ।

ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଳବାଇର ରେଳବାଇ ୱାର୍କସର ବରିଷ୍ଠ ସେକ୍ସନ ଇଞ୍ଜିନିୟର ରାଜେନ୍ଦ୍ର କୁମାର ପଞ୍ଜିଆରା, ଡିଟିଆଇ ଏସ୍. କେ. ମହାକୁଡ଼, କମର୍ସିଆଲ ଇନ୍ସପେକ୍ଟର ଏସ୍. ସାହା, ସିନିୟର ସେକ୍ସନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଅର୍ଜୁନ ମିଞ୍ଜି ପ୍ରମୁଖ ପାସେଞ୍ଜର ହଲ୍ଟ କେଉଁ ସ୍ଥାନରେ ନିର୍ମାଣ କରାଗଲେ ଯାତ୍ରୀ ଓ ରେଳବାଇକୁ ସୁବିଧା ହେବ ସେ ନେଇ ମାପଚୁପ କରିଥିଲେ। ଏଥିପାଇଁ ଲୁପଲାଇନର ଆବଶ୍ୟକତା ଅଛି ବୋଲି ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୪ଶହ ମିଟର ଦୈର୍ଘ୍ୟର ରେଳଷ୍ଟେଶନ /ପ୍ଲାଟଫର୍ମ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ବାଙ୍ଗରାରେ ପାସେଞ୍ଜର ହଲ୍ଟ ନିର୍ମାଣ ଲାଗି ମାପଚୁପ ପରେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯିବ। ବାଙ୍ଗରା, କୁରୁଡ଼ା ହରିଡ଼ା, ସାଉଁ, ଗେଙ୍ଗୁଟି ଆଦି ୪୦ରୁ ଅଧିକ ଗ୍ରାମବାସୀ, ପାଖରେ ଥିବା ଶିଳ୍ପାଞ୍ଚଳର ଶ୍ରମିକ, କର୍ମଚାରୀ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ ବୋଲି ସାମାଜିକ ନ୍ୟାୟ ଅଧିକାର ମଞ୍ଚ ସଭାପତି ବିଧାନ ଚନ୍ଦ୍ର ଜେନା କହିଛନ୍ତି। ସର୍ଭେ ସମୟରେ କମିଟିର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ନାୟକ, ନିରଞ୍ଜନ ଦାସ, କୁରୁଡ଼ା ସରପଞ୍ଚ ତାପସ ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରବିଚାଷ ଉଜାଡ଼ିଲା କାଳବୈଶାଖୀ



କାଳୀପଦା, ୧୯।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ସମେତ ଉତ୍ତର ବାଲେଶ୍ୱର ଅଞ୍ଚଳରେ ୨ ଦିନ ହେଲା କାଳବୈଶାଖୀ ଲାଗି ରହିଛି। ଘଡ ଘଡି ପବନ ସାଙ୍ଗକୁ ତୁହାକୁ ତୁହା ବର୍ଷା ହେଉଛି। ପବନ ବହିବା ଯୋଗୁ କେତେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହିତ ଚାଳ ଘରୁ ଛପର ଉଡ଼ିଯାଇଛି। ବର୍ଷା ଯୋଗୁ ରବି ଚାଷରେ ବ୍ୟାପକ କ୍ଷତି ହୋଇଛି। ଆଳୁ, ଦେଶୀ ପିଆଜ, ରଙ୍ଗ ଆଳୁ, ଫୁଲ କୋବି, ବନ୍ଧା କୋବି, ବିଲାତି ବାଇଗଣ, କଖାରୁ, ଚିନାବାଦାମ ଆଦି ଚାଷୀମାନେ ଚିନ୍ତିତ ହୋଇରହିଛନ୍ତି। କେତେକ ଜମିରେ ଏବେ ପାଣି ମଧ୍ୟ ଜମି ରହିଛି। ରବି ପନିପରିବା ସାଇତି ରଖିବା ପାଇଁ ବାଲିଆପାଳ ବ୍ଲକରେ କୌଣସି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଧିକ କ୍ଷତି ସହୁଛନ୍ତି। ଚାଷୀମାନଙ୍କର ବାରମ୍ବାର ଦାବି ସତ୍ତ୍ୱେ ସରକାରୀ ସ୍ତରରେ କୌଣସି ଉଦ୍ୟମ ନାହିଁ। ବିକ୍ରି ବଟା ପାଇଁ ସେମିତି କିଛି ସୁବିଧା ସୁଯୋଗ ନାହିଁ। ରବି ଋତୁରେ ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ଓ ବଙ୍ଗୋପ ସାଗର କୂଳରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୋଇଥାଏ। ଅନନ୍ତ କୁମାର ରାଉତ, ଅନନ୍ତ କୁମାର ଜେନା, ଶରତ କୁମାର ପ୍ରଧାନ, କୁଶ ମାଣିକ , ବୈରାଗୀ ଚରଣ ଗିରି, ସୁଦାମ ଚରଣ ଦାସ ଦେଭୋଗର ଅଶୋକ ଜେନା ପ୍ରମୁଖ ଚାଷୀମାନେ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏଭଳି କାଳବୈଶାଖୀ ଲାଗି ରହିଲେ ଚାଷ ସମୂଳେ ନଷ୍ଟ ହୋଇଯିବ ବୋଲି ଉପରୋକ୍ତ ଚାଷୀମାନେ ଆଶଙ୍କା କରିଛନ୍ତି।

# ଦିବ୍ୟାଙ୍ଗଙ୍କ ମୁହଁରେ ହସ ଫୁଟାଇଲେ ଯୁବଗୋଷ୍ଠୀ


ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗହଣରେ ଯୁବଗୋଷ୍ଠୀ।

ବାଲିଆପାଳ, ୧୯।୩(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ଗ୍ରାମ, ବିଶ୍ୱନାଥପୁର ଗ୍ରାମ, ଜଳେଶ୍ୱରପୁର ଗ୍ରାମ, ବଣିଆଡିହ ଗ୍ରାମ, ବାହାଦଲପୁର ଗ୍ରାମର କେତେକ ଯୁବଗୋଷ୍ଠୀ ରବିବାର ଡଗରାରେ ଥିବା ମଦର ଟେରେସା ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟକୁ ଯାଇ ସେଠାରେ ଥିବା କୁନି ଛାତ୍ରୀଛାତ୍ରଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରୟାସ କରିଛନ୍ତି । ଯୁବଗୋଷ୍ଠୀର ଶୁଭପ୍ରକାଶଙ୍କ ପ୍ରୟାସରେ ଏହି ଭିନ୍ନକ୍ଷମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଚିକେନ ଭାତ ଖାଦ୍ୟ ବ୍ୟବସ୍ଥା ହୋଇଥିଲା। ଯୁବଗୋଷ୍ଠୀର ଅମୂଲ୍ୟ କୁମାର ଦାସ, ଚିତ୍ତରଞ୍ଜନ ପଣ୍ଡା, ଜଗନ୍ନାଥ ପ୍ରମାଣିକ, ସମ୍ବିତ ରାଉଳ, ଶୁଭଙ୍କର ଦାସ, ମାନଗୋବିନ୍ଦ ପଟାୟତ, ଓଁକାର ଭୂୟାଁ, ଅରିନ ମହାନ୍ତି, ସୋନୁନିଗମ ଦାସ, ସତ୍ୟପ୍ରକାଶ ବାରିକ, ସତ୍ୟନାରାୟଣ ଜେନା, ସୋଭାଗ୍ୟ ରଞ୍ଜନ ପାତ୍ର, ରାଜେଶ ଦାସ, ନରୁତମ ମଲ୍ଲିକ, ରୂପକ ଦେ, ଆଶିଷ ଦେ, ମୀନକେତନ ଦାସ, ମାନସ ରଞ୍ଜନ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ଦୁଇଟି ଅଳଙ୍କାର ୱାର୍କଶପରୁ ଚୋରି

ସୋର, ୧୯।୩(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅଧୀନ ଅଡଙ୍ଗବଜାରରେ ଥିବା ଦୁଇଟି ଅଳଙ୍କାର ୱାର୍କଶପରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଲିଙ୍ଗପଡା ଗ୍ରାମର ଲମ୍ବୋଦର ରଣା ଏବଂ ତୁଣ୍ଡପଡା ଗ୍ରାମର ଅଜୟ ରଣା ଦୀର୍ଘବର୍ଷ ହେବ ଏହି ବଜାରରେ ଅଳଙ୍କାର ୱାର୍କସପ କରି ଚଳୁଥିଲେ। ପ୍ରତିଦିନ ଭଳି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ଦୋକାନ ଖୋଲିବା ବେଳକୁ କବାଟ ଓ ତାଲା ଭଙ୍ଗାଯିବା ସହିତ ଲମ୍ବୋଦରଙ୍କ ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଜାଣିପାରି ପୋଲିସକୁ ଖବର ଦେଇଥିଲେ। ସେହିପରି ଅଜୟ ରଣାଙ୍କ ଦୋକାନ ତାଲା ଭଙ୍ଗାଯାଇ ୨୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ରୁପା ଗହଣା ଚୋରି ହୋଇଛି। ତାଙ୍କ ଦୋକାନ ଗତ ୩ ତାରିଖରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବାରୁ ଏଥର ବିଶେଷ କିଛି ଦୋକାନରେ ନ ଥିଲା। ପରେ ଉଭୟ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବିଶ୍ୱକଲ୍ୟାଣ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

ରୂପସା, ୧୯।୩(ବାଞ୍ଛାନିଧି ଦେ)

## ଗଠନ ହେଲା ପରିଚାଳନା କମିଟି

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ବଜାରରେ ବିଶ୍ୱକଲ୍ୟାଣ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହଳଦୀପଦା ମହୋତ୍ସବ କମିଟି ସଭାପତି ଅଜୟ କୁମାର ଜେନା ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଯଜ୍ଞ, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ଅଜୟ କୁମାର ଜେନା, ଉପସଭାପତି ଜଗନ୍ନାଥ ମହାପାତ୍ର, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବାରିକ, ସହସମ୍ପାଦକ ଦୀପକ କୁମାର ରଣା, ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ନାଥ ମହାନ୍ତି, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଜେନା, କୋଷାଧ୍ୟକ୍ଷ ଭବାନୀ ଶଙ୍କର ନାୟକ, ସହ କୋଷାଧ୍ୟକ୍ଷ ଅନୀଲ କୁମାର ସାହୁ ପ୍ରମୁଖ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ। ଶିକ୍ଷାବିତ୍ ଆଦିତ୍ୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ପୁରୋଧା ଆଚାର୍ଯ୍ୟ ବିଜୟ ଜୀଙ୍କ ସମେତ ପୂର୍ବତନ ପ୍ରଶାସନିକ ଅଧିକାରୀ ଶଙ୍କର୍ଷଣ ରଣା, ମହୋତ୍ସବ କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ସାମଲ, ସରପଞ୍ଚ ବରେନ୍ଦ୍ର ସେଠୀ, ପୂର୍ବତନ ଆରଆଇ ରାଘବାନନ୍ଦ ମଲ୍ଲିକ, ସୁବୋଧ କୁମାର ଜେନା, ଚନ୍ଦନ ସାହୁ, ମହେନ୍ଦ୍ର ସାହୁ, କରୁଣାକର ଲେଙ୍କା ଜଙ୍ଗେଶ୍ୱର ପଣ୍ଡା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ରୂପରେଖ ଓ ସୁପରିଚାଳନା ଦିଗରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ବୈଠକରେ ମହାଯଜ୍ଞର ଦିନ ଧାର୍ଯ୍ୟ କରାଯିବାର ନିଷ୍ପତ୍ତି ହୋଇଥିଲା।

# ସରପଞ୍ଚଙ୍କ ସ୍ୱାମୀଙ୍କ ମାଡ଼ରେ କୃଷକସାଥୀ ଗୁରୁତର

ଭୋଗରାଇ, ୧୯।୩(ପ୍ରଦୀପ ଦାସ)

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ପଞ୍ଚାୟତର ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ସ୍ୱାମୀ ଚନ୍ଦନ ପାତ୍ର କୃଷକସାଥୀ ଦୀପକ କୁମାର ଭଞ୍ଜଙ୍କୁ ସୋମବାର ରାତି ସାଢେ ୮ଟାରେ ପଞ୍ଚାୟତ କାର୍ଯ୍ୟାଳୟକୁ ଡକାଇ ମରଣାନ୍ତକ ଆକ୍ରମଣ କରିଥିବା ଚନ୍ଦନେଶ୍ୱର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ମଙ୍ଗଳବାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ କୃଷକସାଥୀ ଦୀପକ କୁମାର ଭଞ୍ଜଙ୍କୁ ସରପଞ୍ଚଙ୍କ ସ୍ୱାମୀ ଚନ୍ଦନ ପାତ୍ର କାମ ଅଛି କହି ପଞ୍ଚାୟତ କାର୍ଯ୍ୟାଳୟକୁ ଡାକିଥିଲେ । ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା କାହା ନିର୍ଦ୍ଦେଶରେ କେୱାଇସି କରୁଛ ବୋଲି ଚନ୍ଦନ କହିବାରୁ ସରକାରଙ୍କ ଗାଇଡଲାଇନ ଅନୁଯାୟୀ କାର୍ଯ୍ୟ ହେଉଛି ବୋଲି ଦୀପକ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଚନ୍ଦନ କାର୍ଯ୍ୟାଳୟରେ ଥିବା ପ୍ରହରାଜପୁର ଗ୍ରାମର ଜଣେ ଯୁବକଙ୍କୁ ବାହାରକୁ ଯାଇ କବାଟ ବନ୍ଦ କରିଦେବାକୁ କହିଥିଲେ । ବନ୍ଦ କୋଠରୀରେ ଚନ୍ଦନ ଏକ ମୋଟା ପାଇପ ଧରି ଦୀପକଙ୍କ ପିଠି, ଜଙ୍ଘରେ ନିର୍ଘୁମ ମାଡ଼ ମାରିଥିବା ବେଳେ ଗୁପ୍ତାଙ୍ଗରେ ଗୋଇଠା ମାରିଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ପଞ୍ଚାୟତ କାର୍ଯ୍ୟାଳୟ କୋଠରୀ ବାହାରପଟରେ ଜଗିଥିବା ଯୁବକ ବାହାର କବାଟ ଖୋଲିଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମାଡ ଖାଇଥିବା କୃଷକସାଥୀ ଦୀପକ ଜୀବନ ବିକଳରେ ସେଠାରୁ କୌଶଳକ୍ରମେ ଖସି ଆସି ଗାଁ ଲୋକଙ୍କ ସହାୟତାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରତ ଅଛନ୍ତି। ଏହି ଘଟଣାକୁ ନେଇ ବୁଧବାର ଭୋଗରାଇ ବ୍ଲକ କୃଷି ସୂଚନା କେନ୍ଦ୍ରରେ କୃଷକସାଥୀ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ କୃଷକସାଥୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସମ୍ପାଦକ ବିମଳ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ରାଜ୍ୟ କବାଡ଼ି ଦଳରେ ସୁଜିତ

ବାଲେଶ୍ୱର, ୧୯।୩ (ମାନସ ବିଶ୍ୱାଳ)


ସୁଜିତ ପାତ୍ର।

ବାଲେଶ୍ୱର ଜିଲା କ୍ରୀଡାସଂଘର ଖେଳାଳି ସୁଜିତ ପାତ୍ର ରାଜ୍ୟ କବାଡି ଦଳରେ ସାମିଲ ହେବା ନେଇ କ୍ରୀଡାସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ମହାରାଷ୍ଟ୍ରର ଅହମ୍ମଦନଗରଠାରେ ମାର୍ଚ୍ଚ ୨୧ରୁ ୨୪ତାରିଖ ପର୍ଯ୍ୟନ୍ତି ୭୦ତମ ଜାତୀୟ ପୁରୁଷ କବାଡି ପ୍ରତିଯୋଗିତା-୨୦୨୪ ଅନୁଷ୍ଠିତ ହେବାକୁ ଯାଇଛି । ଏଥିରେ ଓଡିଶାର ପୁରୁଷ କବାଡି ଦଳ ଭାଗ ନେଉଛି। ସୁଜିତ ବାଲେଶ୍ୱର ଜିଲା ପାଇଁ ବହୁବାର ପ୍ରତିନିଧିତ୍ୱ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଜିଲା କ୍ରୀଡାସଂଘର ସାଧାରଣ ସମ୍ପାଦକ ଅଧୀପ ଦାସ, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପସଭାପତି ଜଗଦୀଶ ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ (କବାଡି) କାର୍ତ୍ତିକ ଚନ୍ଦ୍ର ନାୟକ, ବୀରେନ୍ଦ୍ର କୁମାର ସ୍ୱାଇଁ, ଜନ୍ମେଜୟ ଦେ, ଅଜିତ ପାତ୍ର , ସଞ୍ଜୟ ଲେଙ୍କା, ପ୍ରଦୀପ ଦାସ, ସୁଜୟ ଆଚାର୍ଯ୍ୟଙ୍କ ସହିତ କ୍ରୀଡାସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଓଡିଶା ଦଳ ବିଜୟୀ ହେବାକୁ ଆଶାପୋଷଣ କରିଛନ୍ତି।

# ସମବାୟ ସଂସ୍ଥାର ନିର୍ବାଚିତ ପ୍ରତିନିଧି ନିରାଶ

ଜଳେଶ୍ୱର, ୧୯।୩ (ରବିନାରାୟଣ ପାତ୍ର)

ନିର୍ବାଚନ ପୂର୍ବରୁ ସରକାର ବହୁ ସଂସ୍ଥାର କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କର ଦରମା, ପାରିଶ୍ରମିକ, ଭତ୍ତା ବୃଦ୍ଧି କରିଥିବା ବେଳେ ସମବାୟ ସଂସ୍ଥାର ନିର୍ବାଚିତ ପ୍ରତିନିଧିଙ୍କୁ ନିରାଶ କରିଛନ୍ତି। ପଞ୍ଚାୟତିରାଜ ପ୍ରତିନିଧିଙ୍କ ପରି ସମବାୟ ସଂସ୍ଥାର ନିର୍ବାଚିତ ପ୍ରତିନିଧିମାନେ ଗ୍ରାମାଞ୍ଚଳରେ ଚାଷୀଙ୍କ ସମସ୍ୟା, ଋଣ, ଋଣ ପରିଶୋଧ ସମ୍ପର୍କରେ କାର୍ଯ୍ୟ କରିଥାନ୍ତି । କିନ୍ତୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ସରକାର ଖୋଲା ହାତରେ ସହାୟତା କରିଥିବା ବେଳେ ସମବାୟ ସଂସ୍ଥା ପ୍ରତି ନଜର ଦେଇନାହାନ୍ତି ବୋଲି ମଙ୍ଗଳବାର ଓଲମରା ସେବା ସମବାୟ ସମିତି ସଭାପତି ଆୟୋଜିତ ସଭାରେ କହିଛନ୍ତି । ଆଗାମୀ ଦିନରେ ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାର ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ସେମାନେ କହିଛନ୍ତି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମହୋତ୍ସବରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଭୋଗରାଇ, ୧୯।୩(ପ୍ରଦୀପ ଦାସ)

ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ, ନୀତି ଓ ଆଦର୍ଶ ଅବକ୍ଷୟ ସମାଜକୁ ଚେତନାଦୀପ୍ତ କରି ମଧୁମୟ କରି ଗଢ଼ିତୋଳେ ବୋଲି ଶନିବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେଉଳାହାଟ ପଛପଡ଼ିଆ ସତସଙ୍ଗ କେନ୍ଦ୍ରଠାରେ ଯୁଗ ପୁରୁଷୋତ୍ତମ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଆବିର୍ଭାବ ଓ ମହୋତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ମତପ୍ରକାଶ କରିଛନ୍ତି। ସହସ୍ରାଧିକ ଶ୍ରଦ୍ଧାଳୁ ବେଦ, ମାଙ୍ଗଳିକ, ନହବତ, ଉଷାକୀର୍ତ୍ତନ, ପ୍ରାତଃ ବୀନତି ପ୍ରାର୍ଥନା, ନାମଜପ, ସତ୍‌ସଙ୍ଗର ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଆଶୀର୍ବାଦ ପୁଷ୍ଟ ଶୁଭ କଳସ, ଗ୍ରନ୍ଥାଦି ପାଠ, ଉତ୍ସବର ଶୁଭ ଉଦ୍‌ଘାଟନ, ଠାକୁର ଅନୁକୂଳ ଚନ୍ଦ୍ରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ, ସଙ୍ଗୀତାଞ୍ଜଳି ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଋତ୍ୱିକ ଈଶ୍ୱର ଚନ୍ଦ୍ର ଗିରି ପୌରୋହିତ୍ୟ କରିଥିଲେ। ଠାକୁରଙ୍କ ଶିଷ୍ୟ ଆଲୋକ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗ କୋଲକାତା ଖିଦୀରପୁର ସତ୍‌ସଙ୍ଗର ମୁଖ୍ୟ ଋତ୍ୱିକ ଅମଲ କୁମାର ସାମଲ, ସମ୍ମାନିତ ଅତିଥି ବାଲେଶ୍ୱର ସତସଙ୍ଗ କେନ୍ଦ୍ରର ଋତ୍ୱିକ ନୃସିଂହ ଚରଣ ସ, ଋତ୍ୱିକ ପାର୍ଥ ସାରଥୀ ଘୋଷାଲ, ବଙ୍କିମଚନ୍ଦ୍ର ପାଲ, ଗୌରହରି ବେରା, ବିମଳ ପରିଡ଼ା ପ୍ରମୁଖ ସାଂସ୍କୃତିକ ଅବକ୍ଷୟକୁ ସୁଧାର ଆଣି ସମାଜକୁ ମଧୁମୟ କରି ଗଢ଼ି ତୋଳିବାକୁ ହେଲେ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ, ନୀତି ଓ ଆଦର୍ଶକୁ ପାଥେୟ ଜରୁରୀ ଅଟେ ବୋଲି ପ୍ରକାଶ କରିଥିଲେ। ଏହି ଧାର୍ମିକ ଉତ୍ସବରେ ଭଗୀରଥ ପୁଷ୍ଟି ଧନ୍ୟବାଦ ଦେଇଥିଲେ। ୫ହଜାର ଶ୍ରଦ୍ଧାଳୁ ଆନନ୍ଦ ବଜାର ପ୍ରସାଦସେବନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।


ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ଓ ମହାମହୋତ୍ସବରେ ଅତିଥିଗଣ।

# ଅଧାପନ୍ତରିଆ ରାସ୍ତାର ଉଦ୍‌ଘାଟନ

## ବିରୋଧ କଲେ କଷାଫଳ ପଞ୍ଚାୟତବାସୀ

ବାଲେଶ୍ୱର, ୧୯।୩(ମାନସ ବିଶ୍ୱାଳ)

ବାଲେଶ୍ୱର ସଦର ବ୍ଲକ ଅଧୀନ କଷାଫଳ ପଞ୍ଚାୟତର ଜନସାଧାରଣଙ୍କ ଦୀର୍ଘଦିନର ଦାବି କ୍ରମେ ଦତ୍ତ ଘର ମୁଖ୍ୟରାସ୍ତାଠାରୁ ଗୌରାଙ୍ଗ ଦଳେଇ ଘର ଦେଇ ସାରଙ୍ଗଦେବ ମନ୍ଦିର ପର୍ଯ୍ୟନ୍ତ ୫ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ଗତ ଡିସେମ୍ବରଠାରୁ ଆରମ୍ଭ ହୋଇଥିଲା। ୬ କୋଟି ୧୨ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଙ୍ଗଲ ଜମିର ଆଳ ଦେଖାଇ ନିର୍ମାଣ ଅଧାଅଧିରୁ ବନ୍ଦ କରିଦେଇଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ଠିକ୍ ପୂର୍ବରୁ ଉଦ୍‌ଘାଟନ କରାଯାଇଛି। ଜଙ୍ଗଲ ବିଭାଗଠାରୁ ଅନୁମତି ମିଳିଛି କି ନାହିଁ। ପୁଣି ଅଳ୍ପ କିଛି କାମ ପରେ ବନ୍ଦ ହେବାର ଆଶଙ୍କାରେ ଉକ୍ତ ପଞ୍ଚାୟତର ଲୋକମାନେ ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

ପଞ୍ଚାୟତବାସୀ ନିର୍ବାହୀଯନ୍ତ୍ରୀ ଇଂ. ତପନ କୁମାର ବେହେରାଙ୍କୁ ସାକ୍ଷାତ ସହ ରାସ୍ତା ନିର୍ମାଣକୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।


ପଞ୍ଚାୟତବାସୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରାଙ୍କ ସହ ଆଲୋଚନା କରୁଛନ୍ତି।

ସେମାନଙ୍କ ଅଭିଯୋଗ ଅନୁସାରେ କଷାଫଳ ପଞ୍ଚାୟତର ଜନସାଧାରଣଙ୍କ ଦୀର୍ଘ ଦିନର ଦାବି କ୍ରମେ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ଡିସେମ୍ବରଠାରୁ ଆରମ୍ଭ ହୋଇଥିଲା । ପୂର୍ବରୁ ଜଙ୍ଗଲ ଜମି ବାବଦରେ ଅନୁଧ୍ୟାନ ନ କରି ନିର୍ମାଣ କାର୍ଯ୍ୟ କେମିତି ଆରମ୍ଭ ହୋଇଥିଲା । ଆକ୍ରୋଶ ମୂଳକ ଭାବେ ରାସ୍ତାଟକୁ ଅସମ୍ପୂର୍ଣ୍ଣ ରଖାଯାଇଛି । ଅନ୍ୟପକ୍ଷରେ ନିର୍ବାଚନକୁ ଆଖି ଆଗରେ ରଖି ଅସମ୍ପୂର୍ଣ୍ଣ ରାସ୍ତାକୁ ଉଦ୍‌ଘାଟନ କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ଜଙ୍ଗଲ ବିଭାଗ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ଆପତ୍ତି ସମାଧାନ ପାଇଁ ଦାବି କରିଛନ୍ତି । ଏହି ଘେରାଉରେ ଦିଲୀପ କୁମାର ପାତ୍ର, ଭାରତ ଦେଲଇ, କାହ୍ନୁ ବାରିକ, ନିଗମାନନ୍ଦ ପାତ୍ର, ବୁଧିଆ ବେହେରା, ନିରଞ୍ଜନ ଦାସ, ଭୋଳାନାଥ ବେହେରା, ଗୋପୀନାଥ ବେହେରା, କାହ୍ନୁ ମଣ୍ଡଳ, ଶଙ୍କର୍ଷଣ ମଲ୍ଲିକ, ଏକାଦଶୀ ଦଳେଇ ଓ ଧନଞ୍ଜୟ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ ତପନ କୁମାର ବେହେରା ପଚାରିବାରୁ କେବଳ ଜଙ୍ଗଲଜମିକୁ ବାଦ ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ରାସ୍ତା ନିର୍ମାଣ ବାବଦରେ ଜଙ୍ଗଲ ବିଭାଗକୁ ଚିଠି ଦିଆଯାଇଛି, ଉତ୍ତର ମିଳିବା ପରେ ଅସମ୍ପୂର୍ଣ୍ଣ ଥିବା ଭାଗରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଉତ୍ତର ରଖିଥିଲେ।

**ସଂକ୍ଷେପରେ**

## କିଷାନ ହେଲେ ଜାତୀୟ ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ସଦସ୍ୟ



ଧାମନଗର, ୧୯।୩ (ଦେବେନ୍ଦ୍ର ଆଢିଆ)

ଓଡ଼ିଶା ସାମ୍ବାଦିକ ୟୁନିୟନର ପୂର୍ବତନ ଉପସଭାପତି ତଥା ଧାମନଗର ପ୍ରେସ୍ କ୍ଲବର ସଦସ୍ୟ କିଷାନ ରାଉତ ଜାତୀୟ ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଓ ଜାତୀୟ ସାମ୍ବାଦିକ ୟୁନିଅନର ସଭାପତି ରାସ ବିହାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କିଶାନ ଜାତୀୟ ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଥିବାରୁ ରାଜ୍ୟ ଓ ଜାତୀୟ ସାମ୍ବାଦିକ ୟୁନିୟନର ସାଙ୍ଗଠନିକ କାର୍ଯ୍ୟ ଅଧିକ ମଜଭୁତ ହେବ ବୋଲି ଜିଲା ସଭାପତି ଡା. ହରିହର ନାୟକ, ସାଧାରଣ ସମ୍ପାଦକ ଗୌରହରି ନାୟକ, କାର୍ଯ୍ୟକାରିଣୀ ସଭାପତି ପ୍ରିୟଦର୍ଶନ ବୋଇତି, ସଙ୍ଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ଧାମନଗର ପ୍ରେସ୍ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଦୀନବନ୍ଧୁ ଦାଶ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି।

## ଭାରତ ବିକାଶ ପରିଷଦର ନୂତନ ଶାଖା ଉଦ୍‌ଘାଟିତ

ଭଦ୍ରକ, ୧୯।୩ (ସନାତନ ରାଉତ)

ଭଦ୍ରକରେ ଭାରତ ବିକାଶ ପରିଷଦର ନୂତନ ଶାଖା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଚରମ୍ପାଠାରେ ଏହି ଶାଖା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପରିଷଦର ଶାଖା ସଭାପତି ତଥା ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଦୀପ ପୁହାଣ, ପ୍ରମୋଦ ଲଖାନୀ, ସତ୍ୟନାରାୟଣ ପରିଡ଼ା, ରମାମଣୀ ପରିଡ଼ା, ପ୍ରମୋଦ ସେଠୀ, ଅର୍ଚ୍ଚନା ପରିଡ଼ା, ହିମାଂଶୁ ରାଉତ, କାର୍ତ୍ତିକ ଭାରତୀ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକର ବିକାଶ ଦିଗରେ ଏହି ଶାଖା କାର୍ଯ୍ୟ କରିବ ବୋଲି ସମ୍ପାଦକ ପୁହାଣ କହିଛନ୍ତି।

## ମହିଳା ଅଧିବକ୍ତାଙ୍କ ବିୟୋଗରେ ଶୋକ

ଭଦ୍ରକ, ୧୯।୩(ସନାତନ ରାଉତ)

ଭଦ୍ରକ ଓକିଲ ସଂଘର ମହିଳା ଅଧିବକ୍ତା ସ୍ୱପ୍ନା ଧଳଙ୍କର ବିୟୋଗରେ ସଂଘ ପକ୍ଷରୁ ଜିଲା କୋର୍ଟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିରାକାର ଜେନାଙ୍କ ସଭାପତିତ୍ୱରେ ବରିଷ୍ଠ ଅଧିବକ୍ତା ବସନ୍ତ ଦାସ, ପର୍ଶୁରାମ ଦ୍ୱିବେଦୀ, ସମ୍ପାଦକ ଦିବ୍ୟସିଂହ ନାୟକ, ପବନ ଶର୍ମା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଶଶିଭୂଷଣ ପଣ୍ଡା, ଅରୁଣ ଚାନ୍ଦ, ଗିରିଧାରୀ ନାଥ, ବେଣୁଧର ମଲ୍ଲିକ, ରାଜକିଶୋର ଦାସ, ଜମିଲ ଅହମ୍ମଦ, ଯମିଲ ଅକ୍ତର, ସୂର୍ଯ୍ୟକାନ୍ତ କୁଅଁର, ହରିହର ଧଳ, ଗଦାଧର ବଳ, ମହିଳା ଅଧିବକ୍ତା ପୂର୍ଣ୍ଣିମା ସାହୁ, ସସ୍ମିତା ସାହୁ, ପଦ୍ମିନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କୋର୍ଟରେ ମାମଲା ପରିଚାଳନାରେ ସ୍ୱପ୍ନାଙ୍କର ସୁନାମ ଥିଲା ବୋଲି କୁହାଯାଇଥିଲା। ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ତାଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ପ୍ରକାଶଥାଉ କି, ଦୁରାରୋଗ୍ୟରେ ପୀଡ଼ିତ ହୋଇ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବନ୍ତ, ୧୯।୩(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଘରପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୁଦ୍ଧିରାମ ଖିଲାର(୭୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ଗତ କିଛିମାସ ସେ ଯକୃତଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ୩ ପୁଅ ସୁଶାନ୍ତ, ସନ୍ତୋଷ, ପ୍ରଶାନ୍ତ, ପୁତ୍ରବଧୂ, ଝିଅ ପ୍ରତିମା, ଜ୍ୱାଇଁ, ପୁତୁରା ରତିକାନ୍ତ, ମୁକ୍ତିକାନ୍ତ, ପୁତୁରାବୋହୂ, ନାତି, ନାତୁଣୀ, ଶାଳକଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ସେ ମାଲକାନଗିରିର ଏମ୍‌ଭି-୬୪ରେ ଦୀର୍ଘ ବର୍ଷ ହେବ ଶିକ୍ଷକତା ଜୀବନ ବିତାଇ ଅବସର ନେଇଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଓ ପରୋପକାରୀ ଶିକ୍ଷକ ଥିଲେ।

# ଫେରିଘାଟରେ ଅସୁରକ୍ଷିତ ଯାତ୍ରା

ଚାନ୍ଦବାଲି, ୧୯।୩(କିଷାନ ପାତ୍ର)



ମନ୍ତେଇ ନଦୀର ହବାଳୀ ଘାଟରେ କ୍ଷମତାଠାରୁ ଅଧିକ ଲୋକ ଡଙ୍ଗାରେ ଯାଉଛନ୍ତି।

■କ୍ଷମତାଠାରୁ ଅଧିକ ପରିବହନ
■ବାଜିରେ ଲାଗିଛି ଲୋକଙ୍କ ଜୀବନ

ନଦୀ ନାଳ ଭରା ଚାନ୍ଦବାଲି ବ୍ଲକ ଅଞ୍ଚଳରେ ଗମନାଗମନରେ ବାଧକ ସାଜିଛି ୩ ନଦୀ। ଏହି ୩ ନଦୀର ୬ ଫେରିଘାଟରେ ପ୍ରତିଦିନ ବହୁ ସଂଖ୍ୟକ ଯାତ୍ରୀ ଜୀବନ ସହ ବାଜି ଲଗାଇ ବିପଦପୂର୍ଣ୍ଣ ଭାବେ ନଦୀପାର୍ ହେଉଛନ୍ତି। ମନ୍ତେଇ ନଦୀରେ ହବାଳୀ, ଚୌଧୁରୀ, ବାଲିଆପାଳ, ପଞ୍ଚୁଟିକ୍ରୀ, ବୈତରଣୀ ନଦୀର ତିନିତର ଏବଂ ସାଳନ୍ଦୀ ନଦୀର ଧାନଖଣିଆ ଫେରିଘାଟରେ ପ୍ରତିଦିନ ହଜାର ହଜାର ଯାତ୍ରୀ ପାର୍ ହେଉଛନ୍ତି। ବ୍ଲକରେ ବାଂଶଡ଼ା ନଦୀରେ ପୋଲ ବ୍ୟତୀତ ଅନ୍ୟ କୌଣସି ଗୋଟିଏ ନଦୀ ଉପରେ ଆଜିଯାଏ ପୋଲଟିଏ ନିର୍ମାଣ ହୋଇପାରି ନାହିଁ। ତିନିତର ଫେରିଘାଟରେ ପୋଲ କାର୍ଯ୍ୟ ଏବେ ଆରମ୍ଭ କରାଯାଇଥିବା ବେଳେ ବାକି ୫ଟି ପୋଲ ପାଇଁ ସରକାରଙ୍କ ପକ୍ଷରୁ ଆନ୍ତରିକତା ଦେଖାଦେଉ ନାହିଁ।

ଧାମରା ପୋର୍ଟ ପାଇଁ ଓ ଶୈବପୀଠ ଆରଡ଼ିକୁ ଯିବା ଲାଗି ଚୌଧୁରୀ ଓ ତିନିତର ଫେରୀଘାଟ, ବାସୁଦେବପୁରକୁ ଯାତାୟାତ ନିମନ୍ତେ ବାଲିଆପାଳ ଓ ପଞ୍ଚୁଟିକ୍ରୀ ଫେରିଘାଟରେ ଅତ୍ୟଧିକ ଭିଡ଼ ଯୋଗୁ ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ନଦୀରେ ଯାତ୍ରା କରୁଛନ୍ତି। ୩ ନଦୀରେ ଏବେ ମାଳମାଳ କୁମ୍ଭୀର, ଫେରିଘାଟଗୁଡ଼ିକରେ ନିଲାମଧାରୀମାନେ ମନଇଚ୍ଛା ଭୁଟୁଭୁଟିରେ ଗାଡ଼ି ମୋଟର ଲୋଡ୍ କରି ଅସୁରକ୍ଷିତ ଭାବେ ଯାତ୍ରୀ ପରିବହନ କରୁଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ନାହିଁ। ଲୋକଙ୍କ ଧନଜୀବନ ସୁରକ୍ଷା ଲାଗି କୌଣସି ଫେରିଘାଟରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ସରକାରଙ୍କ ପକ୍ଷରୁ ପ୍ରତି ବୋଟ୍‌ରେ କ୍ଷମତାଠାରୁ କମ୍ ଯାତ୍ରୀ ପରିବହନ ସହ ପ୍ରତି ବୋଟ୍‌ରେ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ ବ୍ୟବହାର ପାଇଁ ବାଧ୍ୟତାମୂଳକ କରାଯାଇଛି ହେଲେ, ଏହାର ତଦାରଖ କରାଯାଉ ନାହିଁ। ଫଳରେ ଫେରିଘାଟଗୁଡ଼ିକରେ ଏହି ନିୟମର ଉଲ୍ଲଂଘନ କରାଯାଉଛି। ଫଳରେ ଯେକୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ଫେରୀଘାଟଗୁଡ଼ିକରେ ପୋଲ ହେବା ତ ଦୂର କଥା ସମସ୍ତ ଫେରିଘାଟକୁ ନା ଭଲ ରାସ୍ତାଟିଏ କିମ୍ବା ଭଲ ଜେଟିଟିଏ ହୋଇପାରି ନାହିଁ। ଏନେଇ ବିଡିଓ ଅସିତ କୁମାର ମହାନ୍ତି କହିଛନ୍ତି, ଭୁଟୁଭୁଟିରେ କ୍ଷମତାଠାରୁ ଅଧିକ ପରିବହନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଉଲ୍ଲଂଘନ ନେଇ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୨୧ରୁ ମୁନସୀ ମେଳଣ

ଭଣ୍ଡାରିପୋଖରୀ, ୧୯।୩ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ମୁନସୀ ମେଳଣ ଆସନ୍ତା ୨୧ ତାରିଖରୁ ଆରମ୍ଭ ହୋଇ ଦୁଇଦିନ ଧରି ଚାଲିବ। ୨୧ରେ ଘଟ ସ୍ଥାପନ ଓ ୨୨ରେ ପୀଠ ଆରାଧ୍ୟ ଦେବଙ୍କ ପୂଜାର୍ଚ୍ଚନା କରାଯିବ। ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ଶୀତିକଣ୍ଠେଶ୍ୱର ମନ୍ଦିରଠାରେ ଦୁଇଦିନ ବ୍ୟାପୀ ରୀତିନୀତି ଅନୁଯାୟୀ ପୂଜାପାଠ ଓ ହୋମ ଯଜ୍ଞ ହେବ। ଶେଷଦିନରେ ଦୋଳ ବିମାନ ଶୋଭାଯାତ୍ରା କାର୍ଯ୍ୟକ୍ରମ ରହିଛି।

ଦୀର୍ଘ ୮୦ ବର୍ଷ ଧରି ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଏହି ମୁନସୀ ମେଳଣ ଅନୁଷ୍ଠିତ ହୋଇଆସୁଛି। ଥାନା ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ମେଳଣ ହେଉଥିବା ବେଳେ ଏହା ଆଜି ଗଣପର୍ବରେ ପରିଣତ ହୋଇଛି। ପୋଲିସ ଓ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ଏହା ମାଧ୍ୟମ ପାଲଟିଛି। ପୂର୍ବବର୍ଷ ଭଳି ଏଥର ଥାନା ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଠାକୁରବାଡ଼ିଆଙ୍କୁ ନୀତି ଅନୁଯାୟୀ ମେଳଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି। ଠାକୁରବାଡ଼ିଆମାନେ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ବାହାରି ପହଞ୍ଚିବେ ବୋଲି ଥାନା ଇନ୍ସପେକ୍ଟର ସୁଦର୍ଶନ ଅଜୟ ବାଗ କହିଛନ୍ତି। ଏହି ମେଳଣରେ ପୋଲିସ ଓ ଲୋକଙ୍କ ମଧ୍ୟରେ ରଙ୍ଗ ଖେଳର ପରମ୍ପରା ରହିଛି। ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଆୟୋଜକଙ୍କ ପକ୍ଷରୁ ଦୁଇଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥାଏ। ସବୁ ଦଳର ନେତୃତ୍ୱଙ୍କୁ ମେଳଣ ଉତ୍ସବକୁ ନିମନ୍ତ୍ରଣ କରାଯାଇଥାଏ।

## କାଉନସିଲରଙ୍କ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଜବତ

ବାସୁଦେବପୁର, ୧୯।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ୨୩ ନଂ ୱାର୍ଡର କାଉନସିଲରଙ୍କ ସ୍ୱାମୀ ଉଚ୍ଚଡିହା ଗ୍ରାମର କରୁଣାକର ମଲିକ(୩୩)ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କ ଘରୁ ମିଳିଛି। ଶୋଇବା ଘରେ କରୁଣାକର ବେକରେ ରଶି ଲଗାଇ ଝୁଲୁଥିବା ପରିବାର ଲୋକେ ଦେଖିବା ପରେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରୁଣାକର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଘରୋଇ କଳିକୁ କେନ୍ଦ୍ର କରି ସେ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୪) ରୁଜୁ କରାଯାଇଛି।

## 'କଳା ସଂସ୍କୃତିର ପରିପ୍ରକାଶ କରେ ମହୋତ୍ସବ'

ବନ୍ତ, ୧୯।୩ (ହରିନାରାୟଣ ମହାନ୍ତି)

**ଆଗରପଡ଼ା ମହୋତ୍ସବର ୨ୟ ସନ୍ଧ୍ୟା**



ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

ମହୋତ୍ସବ ଆୟୋଜନ ଦ୍ୱାରା କଳା ସଂସ୍କୃତିର ପରିପ୍ରକାଶ ହୋଇଥାଏ ବୋଲି ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥିମାନେ କହିଥିଲେ। ଆଗରପଡ଼ାସ୍ଥିତ ହେମପଦ୍ମ ଗାଲାକ୍ସି ପରିସରରେ ଆୟୋଜିତ ଏହି ମହୋତ୍ସବରେ ଅତିଥି ଭାବେ ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ମହୋତ୍ସବ କମିଟିର ସାଂସ୍କୃତିକ ସମ୍ପାଦିକା ମମତା ମହାନ୍ତି, କୋଷାଧ୍ୟକ୍ଷ ଗୋପାଳକୃଷ୍ଣ ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟି ସମ୍ପାଦକ ହେମନ୍ତ ସିଂହ ମଞ୍ଚ ପରିଚାଳନା ଓ ସଭାପତି ହାଇକୋର୍ଟ ଆଇନଜୀବୀ ମନୋଜ ରାୟ ସଭାପତିତ୍ୱ କରିଥିଲେ। ଜିତେନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ସୁବୋଧ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କମିଟିର ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, କୈଳାସ ଚନ୍ଦ୍ର ଧଳ, ହରମୋହନ ପଣ୍ଡା, ଗୋଲକ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ଟିଭି ଧାରାବାହିକ ଅଭିନେତ୍ରୀ ରୋଜାଲିନ ଏବଂ ଅଭିନେତା ଜିତେନ୍ଦ୍ରଙ୍କ ସଂଳାପରେ ଦର୍ଶକମାନେ ବିମୋହିତ ହୋଇଥିଲେ। ଶେଷରେ ସମ୍ବଲପୁରରୁ ଆସିଥିବା ମହୋନି ନୃତ୍ୟ ଦଳ ପକ୍ଷରୁ ସାଂସ୍କୃତିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟିର ହିମାଂଶୁ ଶେଖର ସାହୁ, ବିଶ୍ୱରଞ୍ଜନ ପଣ୍ଡା, ଦୀପକ ପୁରୀ, ଚିତ୍ତରଞ୍ଜନ ଦାଶ, ନିତ୍ୟାନନ୍ଦ ସିଂହ, ପ୍ରଜ୍ଞା ପ୍ରିୟଦର୍ଶିନୀ କଟୁଆଳ ପ୍ରମୁଖ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଜୀବନ ଗଲା

ଧାମନଗର, ୧୯।୩ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ମହେଶ୍ୱର ପାଢ଼ୀ(୫୫)। ସକାଳେ ସ୍କୁଲ ପୋଖରୀକୁ ଶୌଚ ପାଇଁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଧାମନଗର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୪) ରୁଜୁ କରିଛି।

## ବୃଦ୍ଧାଶ୍ରମରେ ୧୦୮ ହନୁମାନ ଚାଳିଶା ପାଠ

ଭଦ୍ରକ, ୧୯।୩(ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ରମାଉଲ୍ଲାସ ବୃଦ୍ଧାଶ୍ରମରେ ମଙ୍ଗଳବାର ୧୦୮ ହନୁମାନ ଚାଳିଶା ପାଠ କରାଯାଇଛି। ବୃଦ୍ଧାଶ୍ରମର ମୁଖ୍ୟ ଯୁଗଳ କିଶୋର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହନୁମାନ ଚାଳିଶା ପାଠ କରାଯାଇଥିବା ବେଳେ ତାଙ୍କ ସହଧର୍ମିଣୀ ରମା ଅଗ୍ରୱାଲ ସଂକଳ୍ପ ପାଠ କରିଥିଲେ। ଭଦ୍ରକ ଜିଲାର ୪ଟି ଦିବ୍ୟାଙ୍ଗ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ବୃଦ୍ଧାଶ୍ରମର ସମ୍ପାଦକ ରାଜକିଶୋର ଅଗ୍ରୱାଲ ଓ ସୀତାକାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଟିଆ ମଙ୍ଗଳାଙ୍କ ବାର୍ଷିକୋତ୍ସବ, ଓରାସାହି ଉତ୍ସବମୁଖର



ଚାନ୍ଦବାଲି, ୧୯।୩ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଓରାସାହି ପଞ୍ଚାୟତ ମା' ମାଟିଆ ମଙ୍ଗଳାଙ୍କ ବାର୍ଷିକୋତ୍ସବ ପାଇଁ ଉତ୍ସବମୁଖର ହୋଇଛି। ୫ ଦିନ ଧରି ଏହି ଉତ୍ସବ ଚାଲିଛି। ଚାନ୍ଦବାଲି ସମେତ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବରାଡ଼ିଆ ଓ ବଜରପୁର ପଞ୍ଚାୟତର ଲୋକେ ଏହି କମିଟି ସଦସ୍ୟ ଅଛନ୍ତି। ଏହି ଉତ୍ସବକୁ ଦୁଇଟି ଜିଲାର ଲୋକ ମିଶି ପାଳନ କରୁଛନ୍ତି।

ଏଠାରେ ମା'ଙ୍କ ପୂଜା ବହୁ ବର୍ଷ ଆଗରୁ ହୋଇ ଆସୁଥିବା ବେଳେ ୨୦୦୯ରେ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେବେଠାରୁ ମା'ଙ୍କର ବାର୍ଷିକୋତ୍ସବ ପାଳନ କରଯାଇ ଆସୁଛି। ବ୍ଲକର ଓରାସାହି, ବିଜୟନଗର ଓ କାଣ୍ଡଗରଡ଼ି ସମେତ ୮ ପଞ୍ଚାୟତ ସହ ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରୁ ବହୁ ଶ୍ରଦ୍ଧାଳଙ୍କ ସମାଗମ ହେଉଛି। ରାଜକନିକା ବ୍ଲକର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମା'ଙ୍କ ପାଖରେ ମାନସିକ କରି ଡୋରୀଟିଏ ବାନ୍ଧି ଦେଲେ ସବୁ ଅସୁବିଧା ଦୂର ହୋଇଥାଏ ବୋଲି ଭକ୍ତଙ୍କର ବିଶ୍ୱାସ ରହିଛି। ଚିଙ୍ଗୁଡ଼ି ଫାର୍ମ ମାଲିକ ବିଜୟ ନାୟକ କହନ୍ତି, ପୋଖରୀରେ ପାଣି ପୁରାଇବା ଆଗରୁ ମା'ଙ୍କ ମନ୍ଦିରରେ ପ୍ରଥମେ ସମସ୍ତ ଚିଙ୍ଗୁଡ଼ି ଚାଷୀ ଆଇଁଷ ଭୋଗ ଲଗାଇ ମାନସିକ କରି ପ୍ରତିବର୍ଷ ଚାଷ ଆରମ୍ଭ କରିଥାନ୍ତି। ମନ୍ଦିର ପହଡ଼ ଖୋଲିବା ପରେ ପ୍ରଥମେ ମା'ଙ୍କ ପାଖରେ ମଙ୍ଗଳ ଆରତି ପରେ ମହାସ୍ନାନ କରାଯିବା ସହ ଭକ୍ତଙ୍କ ମାନସିକ ଭୋଗ ଲଗାଯାଇଥାଏ। ଯେଉଁମାନଙ୍କର ମାନସିକ ପୂରଣ ହୁଏ, ସେମାନେ ଆମିଷ ଭୋଗ ମା'ଙ୍କ ପାଖରେ ଲଗେଇଥାନ୍ତି।

## ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ କର୍ମୀ



ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ଭାଜପା ନେତୃବୃନ୍ଦ।

ଭଦ୍ରକ, ୧୯।୩(ସନାତନ ରାଉତ)

ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କେଦାରପୁର ପଞ୍ଚାୟତସ୍ଥିତ ଭଦ୍ରକାଳୀ ମଣ୍ଡଳରେ ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ଉପସ୍ଥିତିରେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ ଦଳରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଓ ଦଳ ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାଗୀରଥି ସେନାପତି, ଦୁର୍ଗା ପ୍ରସନ୍ନ ସେନାପତି, ଓମ୍‌ପ୍ରକାଶ ସେନାପତି, ପଙ୍କଜ ପାଢ଼ୀ, ବିକାଶ ବେହେରା, କରୁଣାକର ସେନାପତି, ରାଜେଶ ରାଜ୍ ସେନାପତିଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଭଦ୍ରକାଳୀ ମଣ୍ଡଳର ସଭାପତି ଗଦାଧର ଖାମୁରାଇ, ବରିଷ୍ଠ ନେତା ନାରାୟଣ ସେନାପତି, ଜିଲା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଅନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ସବମୁଖର ବୁଢ଼ୀ ଜାଗୁଲାଇଙ୍କ ପୀଠ

ବାସୁଦେବପୁର, ୧୯।୩ (ନାରାୟଣ ପ୍ରସାଦ ବାରିକ୍)



ବାସୁଦେବପୁର ବ୍ଲକ ଆର୍ଡୁ ପଞ୍ଚାୟତର ଆରାଧ୍ୟ ଦେବୀ ତଥା ଗ୍ରାମଦେବତୀ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠ ବାର୍ଷିକୋତ୍ସବ ପାଇଁ ଉତ୍ସବମୁଖର ହୋଇଛି। ମଙ୍ଗଳବାର କଳସ ଶୋଭାଯାତ୍ରା ପରେ ମନ୍ଦିର ପରିସରରେ ଯଜ୍ଞ ଆରମ୍ଭ ହୋଇଛି। ମା'ଙ୍କୁ ପୁଷ୍ପ ଓ ଆଳି ଅଳଙ୍କାରରେ ସୁସଜ୍ଜିତ କରାଯିବା ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଶିବାଜୀ ଚରଣ ନାୟକ, ସୀତାକାନ୍ତ ରାଉତ, ସତ୍ୟବ୍ରତ ବେହେରା, ରତିକାନ୍ତ ପାଣିଗ୍ରାହୀ, ଶଶୀକାନ୍ତ ରାଉତ, ମଧୁସୂଦନ ରାଉତ, ଗୌତମ ସେଠୀଙ୍କ ସହ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳନ ହେଉଛି।

## କୁଆପଥର ମାଡ଼ରେ ଉଜୁଡ଼ିଲା ରବି ଚାଷ

ଭଦ୍ରକ, ୧୯।୩(ସନାତନ ରାଉତ)

କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ସାଙ୍ଗକୁ କୁଆପଥର ମାଡ଼ରେ ବନ୍ତ ବ୍ଲକରେ ୩୦ ଏକରରୁ ଊର୍ଦ୍ଧ୍ୱ ଜମିରେ ରବି ଫସଲ ଉଜୁଡ଼ି ଯାଇଛି। ଗତ ରବିବାର ରାତିରେ ବର୍ଷା ଓ କୁଆପଥର ମାଡ଼ ଯୋଗୁ ବ୍ଲକ ଅଧୀନ ଆଡ଼ିଆ ପଞ୍ଚାୟତର ଆଡ଼ିଆ, କଳାପାହାଡ଼, ଗିରିଧାରୀ ନଗର, ପଦୀ, କୁଆଁର୍ଦ୍ଧା, ଓଲଡାଙ୍ଗ, ପନ୍ଦାଡ଼ୋ ଆଦି ଗ୍ରାମରେ ହୋଇଥିବା ପନିପରିବା, ବିରି, ମୁଗ, ବାଜରା ଆଦି ଚାଷ ନଷ୍ଟ ହୋଇଯାଇଛି। କେତେଜଣ ଲୋକଙ୍କର ଘର ଆଜବେଷ୍ଟସ୍ ଭାଙ୍ଗି ଯାଇଥିବା ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଆଡ଼ିଆ ସରପଞ୍ଚ ମୀନା କୁମାରୀ ଜେନା ଦାବି କରିଛନ୍ତି।

## ଦୋଳ ମେଳଣରେ ଜୋର୍‌ରେ ବାଜିବନି ଡିଜେ



ବୈଠକରେ ଉପସ୍ଥିତ ପୋଲିସ ଓ ଦୋଳ ମେଳଣ କମିଟି କର୍ମକର୍ତ୍ତା।

ତିହିଡ଼ି, ୧୯।୩(ସଞ୍ଜିତ ବଳ)

ତିହିଡ଼ି ଥାନା ପରିସରରେ ଦୋଳ ମେଳଣ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଦୋଳ ମେଳଣ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବା ନେଇ ପୋଲିସ ଓ ମେଳଣ କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ ଜୋର୍‌ରେ ନ ବଜାଇ ଧୀର ଶବ୍ଦରେ ଡିଜେ ବଜାଇବାକୁ ବୈଠକରେ ସ୍ଥିର ହୋଇଛି। ତିହିଡ଼ି ବ୍ଲକରେ ପରମ୍ପରା ଅନୁଯାୟୀ କାଳିମେଘା, ଝାଡ଼ପଟା, ତିହିଡ଼ି, କୋହ୍ଲ, ବାରୋ, ବୋଡ଼କ, ମୂଷାଙ୍ଗ, ପାଳିଆବିନ୍ଧା ଆଦି ସ୍ଥାନରେ ଦୋଳ ମେଳଣ ହେବ। ଦୋଳ ବିମାନ ସବୁ ନିର୍ଦ୍ଧାରିତ ସମୟରେ ନମ୍ବର ଅନୁଯାୟୀ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପ୍ରବେଶ କରିବେ। କମିଟି କର୍ମକର୍ତ୍ତା ସଜାଗ ରହିଲେ ପୋଲିସର ସହଯୋଗରେ ମେଳଣ ସୁଚାରୁରୂପେ ସମ୍ପନ୍ନ ହୋଇପାରିବ ବୋଲି ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଥିଲେ। ମେଳଣ ସମୟରେ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ନାୟକ ଚେତାବନୀ ଦେଇଥିଲେ।

ଏସ୍‌ଆଇ ଅରୁନ୍ଧତୀ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ବୈଠକରେ ବାଣୀକଲ୍ୟାଣ ମହାପାତ୍ର, ଚିନ୍ତାମଣି ଦାସ, ସଚ୍ଚିକାନ୍ତ ନାୟକ, ଗଣେଶ ପ୍ରସାଦ ନାୟକ, ସୁରେଶ ମହାପାତ୍ର, ଉମାକାନ୍ତ ଦାସ, ଅଜୟ ରାଉତ, ରତିକାନ୍ତ ଦାସ, ବିନୋଦ ବିହାରୀ ସାହୁ, ପ୍ରଦୀପ ସାହୁ, ପୀତାମ୍ବର ସେଠୀ, ଦିଲୀପ ବିଶ୍ୱାଳ, ଦାଶରଥି ମହାପାତ୍ର ପ୍ରମୁଖ ମେଳଣ କମିଟିର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କେନ୍ଦୁଝର

# ରାସ୍ତା ନାହିଁ ତ ଭୋଟ ନାହିଁ

କେନ୍ଦୁଝର,୧୯।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତା ଘାଟ ଉନ୍ନତି କରିଥିବା କଥା ପୋଷ୍ଟର,ବ୍ୟାନର ଦ୍ୱାରା ଡିଣ୍ଡିମ ପିଟୁ ଥିବାବେଳେ ବାସ୍ତବପକ୍ଷେ ଏମିତି ବହୁତ ଗ୍ରାମ ଅଛି ଯେଉଁଠିକି ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନାହିଁ। ଏଭଳି ସମସ୍ୟା ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମ ପଞ୍ଚାୟତର ଗୁଆଲିଡିହ ଗ୍ରାମରେ। ଭାଟୁଣିଆ ଗ୍ରାମଠାରୁ ଗୁଆଲିଡିହ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ଭାଙ୍ଗିରୁଜି ମରଣଯନ୍ତା ପାଲଟିଛି। ମଝିରେ ମଝିରେ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ରାସ୍ତା ସାରା ବଡ଼ ବଡ଼ ପଥର ବିଛାଡ଼ି ହୋଇପଡ଼ିଛି। ଉକ୍ତ ଖାଲରେ ପଡ଼ି ବାଟୋଇ ,ମୋଟର ସାଇକେଲ,ସାଇକେଲ ଆରୋହୀମାନେ ଖଣ୍ଡିଆ ଖାବରା ହେବା ସହ ମୃତ୍ୟୁମୁଖରେ ମଧ ପଡୁଛନ୍ତି। ପଦ୍ମପୁର,ଗୋବର୍ଦ୍ଧନ,ସେଣ୍ଡକାପ, ରୁକୁଣାଦେଇପୁର, କଣାପଶି, ଜଡିପଦା ବଣୁଆ, କୁସୁମୂଳା, କାଉଁରୀକଳା, ବାଜୁଣିଟାଙ୍ଗର ଆଦି ଗ୍ରାମର ଲୋକେ ଗୁଆଲିଡିହ ରେଳ ଷ୍ଟେଶନକୁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ରାସ୍ତା ଖରାପ ଯୋଗୁ ରେଳ ଯାତ୍ରୀମାନେ ଠିକ୍ ସମୟରେ ଷ୍ଟେଶନରେ ପହଞ୍ଚି ପାରୁ ନ ଥିବାବେଳେ ରାସ୍ତା ଦୁରବସ୍ଥା ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ରେଳ ବିଭାଗ,ବ୍ଲକ କିମ୍ବା ଜିଲା ପ୍ରଶାସନ କାହାର ଏହି ରାସ୍ତା ପ୍ରତି ନଜର ନ ପଡ଼ିବା ଦୁର୍ଭାଗ୍ୟର ବିଷୟ। ରାସ୍ତା ନିର୍ମାଣ ନ ହେଲେ ଏହି ଗ୍ରାମର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ରାସ୍ତାର ଦୁରବସ୍ଥା ଖବର ପାଇ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ଉପସଭାପତି ଜୟକୃଷ୍ଣ ନାଏକ ଉକ୍ତ ଗ୍ରାମକୁ ଯାଇଥିଲେ। ଯେହେତୁ ଏହି ରାସ୍ତା ଦେଇ ରେଳ ଷ୍ଟେଶନ, ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଅଞ୍ଚଳର ଲୋକେ ଯାତାୟାତ କରିବା ସହିତ ଏ ରାସ୍ତାଟି ଗୁଆଲିଡିହ ଗ୍ରାମର ଜୀବନ ରେଖା ସଦୃଶ। ତେଣୁ ତୁରନ୍ତ ଏହି ରାସ୍ତାଟି ପିଚୁ କିମ୍ବା କଂକ୍ରିଟ କରିବାକୁ ଗଣମାଧମ ଓ ସୋସିଆଲ ମିଡିଆ ଜରିଆରେ ସେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ମାନସ ମାଝି, ସଞ୍ଜିତ ମାଝି,ମାନୁ ମୁଣ୍ଡା, ଦୂର୍ଯ୍ୟ ପାତ୍ର, ଭାସ୍କର ମାଝି, ପରେମଶ୍ୱର ମାଝି, ପ୍ରଫୁଲ୍ଲ ନାୟକ, ଲମ୍ବୋଦର ମାଝି ପ୍ରମୁଖ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି କହିଛନ୍ତି।


ପ୍ରତିବାଦ କରୁଥିବା ଗ୍ରାମବାସୀ।

## ସଂକ୍ଷେପରେ

### କପି କରି ଧରାପଡ଼ିଲେ ପରୀକ୍ଷାର୍ଥୀ

ପାଟଣା,୧୯।୩(ବୀର କିଶୋର ଦାଶ)

ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ ଓ କଳା ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପାଟଣା ବ୍ଲକ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟରେ ମଙ୍ଗଳବାର ପ୍ରଥମ ଦିନ ସମ୍ମାନ ପରୀକ୍ଷା ଚାଲିଥିବା ବେଳେ ଖିରେଇ ଟାଙ୍ଗିରୀ ବିଶ୍ୱ ବିନାୟକ ଡିଗ୍ରୀ ଘରୋଇ ମହାବିଦ୍ୟାଳୟର ଜଣେ ବିଜ୍ଞାନ ପ୍ରଥମ ବର୍ଷ ସମ୍ମାନର ଛାତ୍ର ଅସାଧୁ ଉପାୟ ଅବଲମ୍ବନ କରି ଧରା ପଡ଼ିଥିବା ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ବିରେନ୍ଦ୍ର କୁମାର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ପରୀକ୍ଷା ଚାଲିଥିବା ବେଳେ ଧରଣୀଧର ବିଶ୍ୱ ବିଦ୍ୟାଳୟର ୨ ଫ୍ଲାଇଙ୍ଗ ସ୍କ୍ୱାଡ୍ ପହଞ୍ଚି ଯାଞ୍ଚ କରିବା ସମୟରେ ଜଣେ ପରୀକ୍ଷାର୍ଥୀ କପି କରୁଥିବା ଅବସ୍ଥାରେ ଧରା ପଡ଼ିଥିଲେ।

### ନିର୍ବାଚନ ପାଇଁ ତାଲିମ

ପାଟଣା,୧୯।୩ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ପରିସରରେ ମଙ୍ଗଳବାର ଅପରାହ୍ନରେ ଜିଲା ଆରକ୍ଷୀ ଅଧୀକ୍ଷକ କୁଶଲକର ନୀତିନ ତାଗୁଡୁଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ ପାଇଁ ତାମିଲ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରାଇବା ନେଇ ତାଲିମ ଦିଆଯାଇଥିଲା। ଚମ୍ପୁଆ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ ମଲ୍ଲିକ ତୁରୁମୁଙ୍ଗା ଥାନା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏସ୍‌ଆଇ ତାପସ କୁମାର ଦାସ, ସୁଜାତା ମହାନ୍ତଙ୍କ ସହ ଅନ୍ୟ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

ଯୋଡା, ୧୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅଧୀନ ବାଂଶପାଣି ବେହେରା ହଟିଂଠାରେ ଜଣେ ଯୁବତୀ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ କୌଣସି କାରଣରୁ ଉକ୍ତ ଯୁବତୀଙ୍କର ପରିବାର ଲୋକଙ୍କ ସହ କଳହ ହୋଇଥିଲା। ଏଥିରେ ସେ ରାଗିଯାଇ ଘର ଭିତରକୁ ପଶି ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ସମୟରେ ପରିବାର ଲୋକେ କବାଟ ଖୋଲିବାକୁ ଚେଷ୍ଟା କରିଥିଲେ ହେଁ ବିଳମ୍ବ ହେବାରୁ ଯୁବତୀଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୪) ରୁଜୁ ହୋଇଛି।

### ବୃଦ୍ଧଙ୍କ ମୃତଦେହ ଜବତ

ଖୁଣ୍ଟା,୧୯।୩ (ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ମାଠିଆଭଙ୍ଗା ଗ୍ରାମର ଏକ ଘର ଭିତରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଘନଶ୍ୟାମ ସେଠୀ(୬୬)। ସେ ଅଗ୍ନିଶମ ବିଭାଗର ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଥିବା ବେଳେ କିଛି ମାସ ପୂର୍ବେ ଅବସର ଗ୍ରହଣ କରିଥିଲେ। ସେ ଏକାକି ମାଠିଆଭଙ୍ଗା ଗ୍ରାମରେ ରହିଆସୁଥିବା ବେଳେ ତାଙ୍କ ପରିବାର ଲୋକେ ଉଦଳାଠାରେ ରହୁଛନ୍ତି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫ /୨୪) ରୁଜୁ ହୋଇଛି।

# ଶୁଣିଲାନି ପ୍ରଶାସନ, ରାସ୍ତା ନିର୍ମାଣ କଲେ ସାମାଜିକ କର୍ମୀ

ହାଟଡ଼ିହୀ, ୧୯।୩(ପାର୍ଥ ସୌରଭ ସା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନ ରମ୍ଭାସ ଇଞ୍ଜୋଳ ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣି ନ ଥିଲେ। ଏପରିକି ସ୍ଥାନୀୟ ସରପଞ୍ଚ ସସ୍ମିତା ମହାପାତ୍ର ଅନେକ ଥର କେନ୍ଦୁଝର ଜିଲାପାଳଙ୍କୁ ଜଣାଇଥିଲେ। ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବି ରଖିଥିଲେ ବି କିଛି ଫଳ ମିଳି ନ ଥିଲା। ରାସ୍ତା ଉପରେ ନିର୍ଭର କରୁଥିବା ଇଞ୍ଜୋଳ, ରମ୍ଭାସ, ଭୁତପଦା, ଅପସର ଆଦି ଗ୍ରାମର ଲୋକମାନେ ଶୋଚନୀୟ ରାସ୍ତା ଯୋଗୁ ଦୁର୍ଦ୍ଦଶା ଭୋଗୁଥିଲେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରପଞ୍ଚ ସସ୍ମିତା ମହାପାତ୍ର, ସାମାଜିକ କର୍ମୀ ଅଭିମନ୍ୟୁ ସେଠୀ, ପୂର୍ବତନ ନାଏବ ସରପଞ୍ଚ ବିଜୟ ମହାପାତ୍ର, ପ୍ରମୁଖ ଗ୍ରାମର ସୁବାସ ମହାପାତ୍ର, ହରେକୃଷ୍ଣ ନାୟକ, ମନୋଜ ରାଉତ, ନଗେନ ସା, ଅକ୍ଷୟ ସ୍ୱାଇଁ ପ୍ରମୁଖଙ୍କ ସହଯୋଗରେ ରାସ୍ତା ମରାମତି କରିଛନ୍ତି।


ସାମାଜିକ କର୍ମୀ ରାସ୍ତା କାମ କରୁଛନ୍ତି।

# ନବନିର୍ମାଣ କୃଷକ ସଂଗଠନର ସମାବେଶ


ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

କେନ୍ଦୁଝର,୧୯।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ନବନିର୍ବାଣ କୃଷକ ସଂଗଠନ ପକ୍ଷରୁ ଏକ ରାଲି ଓ ସମାବେଶ କେନ୍ଦୁଝର ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସଂଗଠନର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ ସଭାପତିତ୍ୱ କରିଥିଲେ। ଇନ୍ଦ୍ରମଣି ବିଶାଳ ସଭା ପରିଚାଳନା କରିଥିଲେ। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ସ୍ୱାଧୀନତାର ୭୭ ବର୍ଷ ଭିତରେ ଖଣି ଓ ପାଣିରେ ଭରପୁର ଥିବା ଆଦିବାସୀ ବହୁଳ କେନ୍ଦୁଝର ଜିଲା ବିକଶିତ ହେବା ପରିବର୍ତ୍ତେ ଚାଷୀ ଓ ଆଦିବାସୀମାନେ ତଳକୁ ତଳ ଖସି ଚାଲିଛନ୍ତି ବୋଲି କହିଥିଲେ। ଚାଷୀମାନେ ଏକାଠି ହୋଇ ଆସନ୍ତା ନିର୍ବାଚନରେ ଚାଷୀ ସରକାର ଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ଯୋଗଦେଇ କେନ୍ଦୁଝର ଲୁହାର ପାହାଡ଼ ଉପରେ ବସିଥିବା ବେଳେ ଲୋକେ ଦାରିଦ୍ର୍ୟର କଷଟି ଭିତରେ ଗତି କରୁଛନ୍ତି। ଜମିକୁ ଜଳସେଚନ ନାହିଁ, ଶୀତଳ ଭଣ୍ଡାର ନାହିଁ, ଧାନ ମଣ୍ଡିରେ ୫ କେଜି କାଟ ଚାଲିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ସଭାପତି ସ୍ମୃତିରଞ୍ଜନ ମହାନ୍ତ, ଆଦିବାସୀ ସଂଘର ସଭାପତି ଚନ୍ଦ୍ରମୋହନ ନାଏକ ଓ ସମ୍ପାଦକ ଜୀବନ ସିଂ ମୁଣ୍ଡିଆ, ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଦୀପକ ନାଏକ, ଜିଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ଶ୍ୟାମ ସୁନ୍ଦର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ସାହୁ, ମହିଳା ସଭାପତି ବିଳାସ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଞ୍ଚଳିକ ସମସ୍ୟା ଉପରେ ମତ ପ୍ରକାଶ କରିଥିଲେ। ରାଜକିଶୋର ମହାନ୍ତ, କୃଷଧ୍ୱଜ ନାଏକ, ମାଧୁରୀ ମହାନ୍ତ, ବାବୁଲି ମହାନ୍ତ, ସୁମିତ୍ରା ମାରାଣ୍ଡି, ଉମାକାନ୍ତ ମହାନ୍ତ, ପ୍ରିୟରଞ୍ଜନ ମହାନ୍ତ, ବିରେନ୍ଦ୍ର ମହାନ୍ତ, ଦିବାକର ପାତ୍ର, କରୁଣାକର ମହାନ୍ତ ସମାବେଶ ଆୟୋଜନରେ ସହଯୋଗ କରିଥିଲେ।

## ଘର ଘର ବୁଲି ହିତାଧିକାରୀଙ୍କୁ ଭେଟିଲେ

ଆନନ୍ଦପୁର,୧୯।୩(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା କଣ୍ଟିପାଳରେ ଭାଜପା ପକ୍ଷରୁ ଲାଭାର୍ଥୀ ସମ୍ପର୍କ ଅଭିଯାନ କରାଯାଇଛି। କାର୍ଯ୍ୟକର୍ତ୍ତା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ଉପକୃତ ହେଉଥିବା ଲାଭାର୍ଥୀମାନଙ୍କ ଘର ଘର ଯାଇ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଇବା ସହ ପତ୍ର ବଣ୍ଟନ କରିଥିଲେ। ଶାଳବଣି ମଣ୍ଡଳ ସଭାପତି ଟୁକୁନା ମହାନ୍ତ, ସରପଞ୍ଚ ସଙ୍ଖାଳିନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରହ୍ଲାଦ ପ୍ରଭାସିନୀ ନାୟକ, ନିରଞ୍ଜନ ବେହେରା, ତ୍ରିଲୋଚନ ପଲେଇଙ୍କ ସମେତ ଆନନ୍ଦପୁର ଭାଜପା ନେତା ଆଲୋକ ସେଠୀ, ପ୍ରଶାନ୍ତ ମହାପାତ୍ର, କାଳନ୍ଦୀ ସାହୁ, ଶରତ ନାଇକ, ଯୁବମୋର୍ଚ୍ଚା ସଭାପତି ରମାକାନ୍ତ ଯେନା, ସନ୍ୟାସୀ ପାତ୍ର, କ୍ଷୀରୋଦ ପଲେଇ, ତପନ କୁମାର ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା କଣ୍ଟିପାଳ ପଞ୍ଚାୟତର ବିଭିନ୍ନ ଗ୍ରାମ, ସାହି ବୁଲି ଭାଜପାକୁ ଜିତାଇବା ପାଇଁ ନିବେଦନ କରିଥିଲେ।

# ଭାଜପାର ଲାଭାର୍ଥୀ ସମ୍ପର୍କ ଅଭିଯାନ

ହାଟଡିହୀ, ୧୯।୩ (ପାର୍ଥ ସୌରଭ ସା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସୋସୋ, ଶାସଙ୍ଗ, ବଂଚୋ, କଲିଗାଁ ଏବଂ ଆମ୍ବୋ ପଞ୍ଚାୟତର ବିଭିନ୍ନ ସାହି ବସ୍ତିରେ ଭାଜପାର ଲାଭାର୍ଥୀ ସମ୍ପର୍କ ଅଭିଯାନ ଚାଲୁ ରହିଛି। ଦଳୀୟ କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ନେଇଥିବା ହିତାଧିକାରୀଙ୍କୁ ଭେଟି ସେମାନଙ୍କ ବିକାଶ ପାଇଁ ମୋଦିଜୀଙ୍କ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଇଥିଲେ। ଏଥିସହ ଏ ବିଷୟକୁ ନେଇ ଗୋଟିଏ ଲେଖାଏ କରପତ୍ର ପ୍ରଦାନ କରିବା ସହ ସେମାନଙ୍କ ଘରେ ଭାଜପା ଷ୍ଟିକର ଲଗାଇଥିଲେ। ଆନନ୍ଦପୁର ଭାଜପା ନେତା ଆଲୋକ ସେଠୀଙ୍କ ସହ ବରିଷ୍ଠ ନେତା ସୁଶାନ୍ତ ଜେନା, ବଳଭଦ୍ର ବାରିକ, ତୃପ୍ତିମୟୀ ଯେନା, ଜଗନ ଯେନା, ଦୀପ୍ତିମୟୀ ଖୁଣ୍ଟିଆ, ସୁରେନ୍ଦ୍ର ସାହୁ, ରୁଦ୍ରପ୍ରସାଦ ଜେନା, ମଙ୍ଗୁଳି ରାଉଳ, ରମାକାନ୍ତ ସାହୁ, ଜିତନ ଶଂଖୁଆ, ନିତ୍ୟାନନ୍ଦ ବେହେରା, ନବକିଶୋର ଯେନା, ନିରୂପମା ଓଝା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଏଥିରେ ସାମିଲ ଥିଲେ।


ଭାଜପା କର୍ମକର୍ତ୍ତା ହିତାଧିକାରୀଙ୍କୁ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ବୁଝାଉଛନ୍ତି।

# ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଥାନାରେ ଅଭିଯୋଗ କଲେ ପରିବାର ଲୋକେ**

ହାଟଡିହୀ, ୧୯।୩(ପାର୍ଥସୌରଭ ସା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପନ୍ଦାଡୋ ଗ୍ରାମରେ ସୋମବାର ରାତିରେ ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ସେମାନଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଗ୍ରାମର ରାଜୁ ଯେନା ଓ ରଞ୍ଜନ ଯେନା ସନ୍ଧ୍ୟା ଛକରୁ ପରିବା ଧରି ଘରକୁ ଫେରିବା ବେଳେ ପନ୍ଦାଡୋ ଗାଁ ମୁଣ୍ଡରେ ଥିବା ଏକ ପାନ ଦୋକାନରେ ଠିଆହୋଇ ପାନ କିଣୁଥିଲେ। ଏହି ସମୟରେ ତେନ୍ତୁଳିପଦି ଗ୍ରାମର ଜଗନ୍ନାଥ ସ୍ୱାଇଁ ଓ ଅର୍ଜୁନ ବରାଳଙ୍କ ସହିତ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଜଗନ୍ନାଥ ଓ ଅର୍ଜୁନ ସେମାନଙ୍କୁ ଲୁହା ରଡ଼ରେ ଆକ୍ରମଣ କରିବାରୁ ରାଜୁ ଯେନାଙ୍କ ହାତ ଭାଙ୍ଗିଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ତଳେ ପଡ଼ିଥିବା ବେଳେ ସ୍ଥାନୀୟ ଜଣେ ଯୁବକ ରାଜୁଙ୍କୁ ଆନନ୍ଦପୁର ଡାକ୍ତରଖାନା ନେଇଥିଲେ। ଏହି ସମୟରେ ରଞ୍ଜନ ଦୌଡ଼ି ପଳାଇ ଆସିବାକୁ ଉଦ୍ୟମ କରୁଥିବା ବେଳେ ଆକ୍ରମଣକାରୀମାନେ ରଞ୍ଜନଙ୍କୁ ପିଟି ପିଟି ଗାଁକୁ ନେଇଯାଇ ବାନ୍ଧି ପକାଇ ନିସ୍ତୁକ ମାଡ ମାରିଥିଲେ। ଖବରପାଇ ପନ୍ଦାଡୋ ଗ୍ରାମର କିଛି ଭଦ୍ରବ୍ୟକ୍ତି ତେନ୍ତୁଳିପଦି ଗ୍ରାମରେ ପହଞ୍ଚି ରଞ୍ଜନଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ରାଜୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରଞ୍ଜନ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ମଙ୍ଗଳବାର ରଞ୍ଜନଙ୍କ ବାପା ଜୀବନ ପ୍ରସାଦ ଯେନା ସୋସୋ ଥାନାକୁ ଯାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋସୋ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆନନ୍ଦପୁର ଉପଖଣ୍ଡରେ ପୋଲିସର ଫ୍ଲାଗମାର୍ଚ୍ଚ

ଆନନ୍ଦପୁର,୧୯।୩(ଉମେଶ ଚନ୍ଦ୍ର ପାଢ଼ୀ)

ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆରପିଏଫ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗୁଡ଼ଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ଗ୍ରାମର ୧ ନଂ. ଓ ୨ ନଂ. ଅଞ୍ଚଳର ବିଭିନ୍ନ ସାହି ବସ୍ତିରେ ଫ୍ଲାଗ ମାର୍ଚ୍ଚ କରିଥିଲେ। ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଏଏସ୍‌ଆଇ ଅଭିମନ୍ୟୁ ଦାସ, ସୁରେନ୍ଦ୍ର ଗିରି ଉପସ୍ଥିତ ରହି ପୋଲିସ ବାହିନୀଙ୍କୁ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ପ୍ରସ୍ତୁତି

କେନ୍ଦୁଝର, ୧୯।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ଆସନ୍ତା ଏପ୍ରିଲ ୯ରେ ପାଳନ ନିମନ୍ତେ ସିଦ୍ଧମଠଠାରେ କେନ୍ଦୁଝର ହିନ୍ଦୁ ଜାଗୃତି ମଞ୍ଚର ଉପଦେଷ୍ଟା ମଣ୍ଡଳୀ ଓ କର୍ଯ୍ୟକାରୀ ମଣ୍ଡଳୀର ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ହୋଇଛି। ସମସ୍ତ ସାମାଜିକ ଓ ରାଷ୍ଟ୍ରବାଦୀ ସଙ୍ଗଠନକୁ ଏକତ୍ର କରାଇ ଏହି ନବବର୍ଷ ଉତ୍ସବ ପାଳନ ଲାଗି ଏକ ବୈଠକ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳମଣି ସାହୁ, ଡ. ଅରୁଣ କୁମାର ସାହୁ, ସାହିତ୍ୟିକ ନିରଞ୍ଜନ ବାରିକ, ଅଧ୍ୟାପକ ପ୍ରସନ୍ନ ପତି, ଆଡ୍‌ଭୋକେଟ ଦୁଷ୍ମନ୍ତ ଜେନା, ଅଜୟ ମାଝୀ, ସଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଦେବରାଜ ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ମହାନ୍ତ, ନିରଞ୍ଜନ ପଲେଇ, ପ୍ରତାପ ଝରା, ମିଳନ ନାଏକ, ପ୍ରଣବ ବେହେରା, ବାବୁଲି ନାଏକ, ରାମଚନ୍ଦ୍ର ବିଶ୍ୱାଳ, ସୁମନ୍ତ ସୋରେନ, ରଙ୍ଗାଧର ନାଥ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।


ପ୍ରସ୍ତୁତି ବୈଠକରେ ହିନ୍ଦୁ ଜାଗୃତି ମଞ୍ଚର ଉପଦେଷ୍ଟା ଓ କାର୍ଯ୍ୟକାରୀ ମଣ୍ଡଳୀର କର୍ମକର୍ତ୍ତା।

# ବନେଇକଳା ଫାୟାର ଫୋର୍ସ ଚାମ୍ପିୟନ

**ଶର୍ଟବାଉଣ୍ଡାରୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ**

ଯୋଡ଼ା, ୧୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ରୁଙ୍ଗଟା ସ୍ପୋର୍ଟସ କମ୍ପ୍ଲେକ୍ସରେ ଶାସ୍ତ୍ରୀନଗର ୟୁଥ୍ କ୍ଲବ ପକ୍ଷରୁ ଗତ ୧୪ ତାରିଖରୁ ଚାଲିଥିବା ଶର୍ଟବାଉଣ୍ଡାରୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଯୋଡ଼ା କେଇସି କ୍ରିକେଟ ଟିମ୍‌କୁ ହରାଇ ବନେଇକଳା ଫାୟାର ଫୋର୍ସ ଚାମ୍ପିୟନ ହୋଇଛି। ଯୋଡ଼ା ସହରର ୨୮ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ଫାଉଣ୍ଡେଶନର ମୁଖ୍ୟ ରବୀନ୍ଦ୍ର କୁମାର, ସମ୍ମାନିତ ଅତିଥି ଭାବେ ଯୋଡ଼ା ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ, ଶାସ୍ତ୍ରୀନଗର ୟୁଥ୍ କ୍ଲବର ସଭାପତି ସିଦ୍ଧାର୍ଥ ସାରଥୀ କର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ସୁବ୍ରତ କୁମାର ନାୟକ, ବିରବଲ ଯାଦବ, ଅତୁଲ ନାଏକ, ସତ୍ୟବାନ ପାତ୍ର, ସ୍ୱୟମ ପ୍ରକାଶ ବଡ଼ପଣ୍ଡା, ଦିବ୍ୟ ପାତ୍ର, ଦେବାଶିଷ ବିଶ୍ୱାଳ, ରୁପୂରଞ୍ଜନ ପଣ୍ଡା, ଶିବରଞ୍ଜନ ପଣ୍ଡା, ବିରିଡି ବିରୁଲି, ପ୍ରମୋଦ ସ୍ୱାଇଁ, ଚନ୍ଦ୍ର ମହାନ୍ତ, ଶ୍ୟାମସୁନ୍ଦର ଓରାମ, ସଞ୍ଜୁ ଅଧିକାରୀ, ମନୋଜ ଖେମକା, ସରୋଜ ଦାସ, ସଂଗ୍ରାମ ଭୂୟାଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ଅବକାରୀ ଚଢ଼ାଉ, ୨ ଗିରଫ**

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଅଞ୍ଚଳରେ ମଙ୍ଗଳବାର ଅବକାରୀ ବିଭାଗ ଚଢ଼ାଉ କରି ବାଇକ୍ ସହ ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ସାହି ଥାନା ଅଧୀନ ମାରକୁଣ୍ଡି ଗ୍ରାମର ସୁଜିତ କୁମାର ବେହେରା ଓ ନରେନ୍ଦ୍ର ବେହେରା। ଚଢ଼ାଉ ସମୟରେ ଉଭୟଙ୍କଠାରୁ ମୋଟ ୨୬ ଲିଟର ଦେଶୀମଦ ଜବତ ହୋଇଛି।

## ମୟୂରଭଞ୍ଜ

# ଅଫିମ ବେପାରୀଙ୍କ ପାଇଁ ଅକଳରେ ଆଦିବାସୀ

ବାରିପଦା,୧୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶିମିଳିପାଳରେ ହୋଇଥିବା ଅଫିମ ଚାଷ।

- ଶିମିଳିପାଳର ୫୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ହୋଇଛି ଚାଷ
- ହାତ ବାନ୍ଧି ବସିଛି ପୋଲିସ ଓ ଅବକାରୀ ବିଭାଗ
- ଅଫିମ ଚାଷୀ, ବେପାରୀଙ୍କ ଟେର୍ ମିଳୁନି

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଅଫିମ ଚାଷର ପସରା ମେଲିଛି। ଏକର ଏକର ଜମିରେ ଅଫିମ ଚାଷ କରି ମାଲେମାଲେ ହେଉଥିବା ଚାଷୀ ଓ ନିଶା ବେପାରୀଙ୍କ ଟେର୍ ପାଉନି ପୋଲିସ କିମ୍ବା ଅବକାରୀ ବିଭାଗ। ଅନ୍ୟପକ୍ଷରେ ନିଶା ବେପାରୀଙ୍କ ପ୍ରଲୋଭନର ବଶବର୍ତ୍ତୀ ହୋଇ ନୀରିହ ଆଦିବାସୀ ଅକଳରେ ପଡ଼ିବା ସହ ଦଣ୍ଡିତ ହେବାକୁ ବସିଛନ୍ତି। କେତେକ ସ୍ଥାନରେ ଚଢ଼ାଉ ପରେ ପୋଲିସ ଓ ଅବକାରୀ ବିଭାଗ ହାତ ବାନ୍ଧି ବସିଛି। ଶିମିଳିପାଳ ମଧ୍ୟରେ ଥିବା ୯ଟି ଗ୍ରାମର ୧୩ଟି ସ୍ଥାନରେ ପ୍ରାୟ ୫୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଅଫିମ ଚାଷ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ଜିଲା ପୋଲିସକୁ ସୂଚନା ପ୍ରଦାନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୦୦ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ପୋଲିସ, ବନ ବିଭାଗ ଓ ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ଅଫିମ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ ନ କଲେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ବରେହିପାଣି, ଅସ୍ତକୁଆଁରୀ ଓ ଗୁଡୁଗୁଡ଼ିଆ ପଞ୍ଚାୟତରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଆସୁଛନ୍ତି। ଏହି ପଞ୍ଚାୟତଗୁଡ଼ିକ ଅଧୀନରେ ଥିବା ଅସନବଣୀ, ଯଜଗଡ଼ା, ଖଟିପାଣି, ଚାକୁଣ୍ଡାକଟା, ସାରୁଡ଼ା, ବୁଢ଼ାବଲଙ୍ଗ, କୁକୁରଭୁକା ଓ ଖେଜୁରୀ ଗ୍ରାମରେ ବ୍ୟାପକ ଭାବେ ଅଫିମ ଚାଷ କରାଯାଇଛି। ପ୍ରତି ଗ୍ରାମରେ ହେକ୍ଟର ହେକ୍ଟର ଜମିରେ ଏହି ଚାଷ କରି ଅଫିମ ସଂଗ୍ରହ କରାଯାଉଛି। ବୁଢ଼ାବଲଙ୍ଗ ଗ୍ରାମର ୩ଟି ସ୍ଥାନରେ ୧୦ ହେକ୍ଟର, କୁକୁରଭୁକା ଗ୍ରାମରେ ୧୦ ହେକ୍ଟର, ଖେଜୁରୀ ଗ୍ରାମରେ ୫ହେକ୍ଟର ଏବଂ ଅନ୍ୟ ଗ୍ରାମଗୁଡ଼ିକୁ ମିଶାଇ ମୋଟ ୫୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଅଫିମ ଚାଷ କରାଯାଇଛି ବୋଲି ବାରିପଦା କ୍ଷେତ୍ର ନିର୍ଦ୍ଦେଶକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା.ପ୍ରକାଶ ଚାନ୍ଦ ଗୋଗିନେନି ପ୍ରକାଶ କରିଛନ୍ତି। ବନ ବିଭାଗ ଉକ୍ତ ସ୍ଥାନଗୁଡ଼ିକ ଚିହ୍ନଟ କରି ଜିଲା ପୋଲିସ ମୁଖ୍ୟାଳୟକୁ ଅବଗତ କରାଇଛି।

ଇତିମଧ୍ୟରେ ପୋଲିସ ୩ ଥର ଚଢ଼ାଉ କରି ମୋଟ ୧୪ କୋଟି ୩୨ଲକ୍ଷ ଟଙ୍କା ମୂଲ୍ୟର ୭ଲକ୍ଷ ୮ହଜାର ଅଫିମ ଗଛକୁ ଓପାଡ଼ି ନଷ୍ଟ କରିସାରିଲାଣି। ଏହି ଘଟଣାରେ ୬ଟି ମାମଲା ରୁଜୁ କରାଯାଇଥିବା ବେଳେ ଏହାର ଚେର କେତେଦୂର ଲମ୍ବିଛି ତାହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଏଥିରେ ଆନ୍ତଃରାଜ୍ୟ ର୍ୟାକେଟର ସମ୍ପୃକ୍ତି ଥିବା ଦିଗରେ ମଧ୍ୟ ତଦନ୍ତ ଚାଲିଛି ଓ ଚାଷ ହୋଇଥିବା ଜମି ଗୁଡ଼ିକର ମାଲିକାନା ସମ୍ପର୍କରେ ଯାଞ୍ଚ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଉମାଶଙ୍କର ମହାରଣା କହିଛନ୍ତି। ସେହିପରି ଅବକାରୀ ବିଭାଗ ଚଢ଼ାଉ କରି ୭ କୋଟି ୭୦ଲକ୍ଷ ଟଙ୍କା ମୂଲ୍ୟର ୩ ଲକ୍ଷ ୮୫ହଜାର ଅଫିମ ଗଛକୁ ପୋଡ଼ି ନଷ୍ଟ କରିଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଅଦ୍ୟାବଧି ମୋଟ ୨୨ କୋଟି ୨ଲକ୍ଷ ଟଙ୍କା ମୂଲ୍ୟର ୧୦ଲକ୍ଷ ୯୩ ହଜାର ଅଫିମ ଗଛ ନଷ୍ଟ କରାଯାଇଛି।

କେବେଠାରୁ ଏହି ଚାଷ ଚାଲିଛି ତାହାର କୌଣସି ସୂଚନା ଅଦ୍ୟାବଧି ମିଳିପାରୁ ନାହିଁ। ଫଳରେ ମାଓବାଦୀ କିମ୍ବା ଆତଙ୍କବାଦୀଙ୍କ ଏଥିରେ ସମ୍ପୃକ୍ତ ଥାଇ ପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ୨୦୦୯ ମାର୍ଚ୍ଚ ମାସରେ ମାଓବାଦୀମାନେ ଶିମିଳିପାଳ ମଧ୍ୟରେ ରହି ଆତଙ୍କରାଜ ଚଳାଇଥିଲେ। ଫଳରେ ୯ମାସ ଧରି ପୋଲିସ କିମ୍ବା ବନ ବିଭାଗ କର୍ମଚାରୀମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିପାରି ନ ଥିଲେ। ମାଓବାଦୀଙ୍କୁ ସହଯୋଗ କରୁଥିବା ସ୍ଥାନୀୟ ଲୋକଙ୍କ ଦ୍ୱାରା ଏଭଳି ଚାଷକାର୍ଯ୍ୟ କରାଯାଉଥିବା ସନ୍ଦେହ କରାଯାଉଛି। ସେହିପରି ପଡ଼ୋଶୀ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଆସି ଗଛ କାଟୁଥିବା ଲୋକମାନେ ଶିମିଳିପାଳ ମଧ୍ୟରେ ସ୍ଥାୟୀ ବସବାସ କରି ରହିଛନ୍ତି। ଶତକଡ଼ା ୧୦ ପ୍ରତିଶତ ଲୋକ ମୂଳ ଅଧିବାସୀ ହୋଇଥିବା ବେଳେ ଅନ୍ୟ ସମସ୍ତେ ବାହାର ରାଜ୍ୟରୁ ଆସି ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗ ହାତେଇ ଚାଲିଛନ୍ତି। ଏହି ଚାଷ ୩ ବର୍ଷ ହେଲା ହେଉଥିବା ନେଇ ସ୍ଥାନୀୟ ଲୋକେ ଏବେ ମୁହଁ ଖୋଲିଛନ୍ତି। ସରକାରୀ ଅଧିକାରୀ, ଆଇଟିଡିଏ ବିଭାଗ, କୃଷି ଏବଂ ଏନ୍‌ଜିଓ କର୍ମଚାରୀମାନେ ଶିମିଳିପାଳ ମଧ୍ୟରେ ଥିବା ଗ୍ରାମଗୁଡ଼ିକୁ ଯାଉଥିବା ବେଳେ ଅଫିମ ଚାଷ ସମ୍ପର୍କରେ କିପରି ସୂଚନା ପାଇପାରୁ ନାହାନ୍ତି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ ମାଓବାଦୀମାନେ ଶିମିଳିପାଳ ମଧ୍ୟରେ ରହି ଆଧିପତ୍ୟ ବିସ୍ତାର କରିବାରେ ଲାଗିଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପରେ। ଶିକାରୀ ଓ ନିଶା ବେପାରୀଙ୍କ କବଳରୁ ଶିମିଳିପାଳକୁ ଉଦ୍ଧାର କରା ନ ଗଲେ ଆଗାମୀ ଦିନରେ ବିଶ୍ୱ ପରିଚିତ ଶିମିଳିପାଳର ଚିତ୍ର ଓଲଟା ହୋଇପଡ଼ିବ ବୋଲି ଆଚାର୍ଯ୍ୟ କହିଛନ୍ତି। ତେବେ ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏପରି ଚାଷକୁ ବନ୍ଦ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଜିଲାବାସୀ ସ୍ୱର ଉଠାଇବା ଆରମ୍ଭ କଲେଣି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ ଶଶିକାନ୍ତ


@ ଶୁଭକାନ୍ତ


@ ମାମୁନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଦୁର୍ଘଟଣା ପ୍ରତିବାଦରେ ରାସ୍ତା ଅବରୋଧ



ରାସ୍ତାରେ ମରି ପଡ଼ିଥିବା ଗୋରୁ।

ଠାକୁରମୁଣ୍ଡା,୧୯।୩
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ତରାମରା ଉଚ୍ଚ ବିଦ୍ୟାଳୟ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଆମ୍ବୁଲାନ୍ସ ଧକ୍କାରେ ଏକ ବଳଦର ମୃତ୍ୟୁ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ତରାମରା ଗ୍ରାମ ନିକଟରେ ୩ ଘଣ୍ଟା ଧରି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ସାତକୋଶିଆରୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଗର୍ଭବତୀଙ୍କୁ ନେଇ ଆସୁଥିବା ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ (ନଂ.ଏମ୍‌ପି-୦୪ଡିବି-୨୫୮୩) ପ୍ରଥମେ ଜଣେ ଲୁନା ଚାଳକଙ୍କୁ ଧକ୍କା ଦେଇ ରାସ୍ତାରେ ଥିବା ଏକ ଗୋରୁକୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୋରୁର ମୃତ୍ୟୁ ହୋଇଥିବା ବେଳେ ଲୁନା ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ନିକଟରେ ଥିବା ଲୋକ ଏହା ଦେଖି କିଛି ସମୟ ଆମ୍ବୁଲାନ୍ସକୁ ଅଟକ ରଖିଥିଲେ ହେଲେ ଆମ୍ବୁଲାନ୍ସରେ ରୋଗୀ ଥିବାରୁ ପରେ ଛାଡ଼ି ଦେଇଥିଲେ। ତେବେ ଏହି ଦୁର୍ଘଟଣା ପରେ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଲୋକ ଏବଂ ଗୋରୁ ମାଲିକ ରାସ୍ତା ଅବରୋଧ କରିଥିଲେ। ଯାହା ଫଳରେ ଠାକୁରମୁଣ୍ଡା ଏବଂ ଆନନ୍ଦପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଓ ମହୁଲଡିହା ଥାନା ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ବ୍ୟାଟେରି ଚୋରି ସନ୍ଦେହରେ ଜଣେ ଗିରଫ

ମୋରଡ଼ା,୧୯।୩(ସ୍ମାରକ ମାଜୀ)

ବ୍ୟାଟେରି ଚୋରି ସନ୍ଦେହରେ ମୟୂରଭଞ୍ଜ ଜିଲା ମୋରଡ଼ା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଧୂଧିଶୋଳ ଗ୍ରାମର ପର୍ଶୁରାମ ନାଏକ।

ସୂଚନା ଅନୁଯାୟୀ, ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ସପ୍ଲାଇ ଛକ ନିକଟରେ ଥିବା ଏକ ଘରୋଇ ଟେଲିଫୋନ କମ୍ପାନୀର ଟାୱାର ନିକଟରେ ସୋମବାର ରାତି ପ୍ରାୟ ୧୨ଟା୩୦ ସମୟରେ ପର୍ଶୁରାମ ଏବଂ ଅନ୍ୟ ଜଣେ ଯୁବକ ଏକ ଟାଟା ମ୍ୟାଜିକ ଗାଡ଼ିରୁ ଓହ୍ଲାଇ ଉକ୍ତ ଟାୱାରର ଷ୍ଟ୍ରଙ୍ଗରୁମ୍‌ର କବାଟ ଖୋଲିବା ପାଇଁ ଚେଷ୍ଟା କରିଥିଲେ। ଟାୱାର ଟେକ୍ନିସିଆନ ଦୀନବନ୍ଧୁ ବେହେରା ଏହା ଜାଣିପାରି ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ଦେଖି ଜଣେ ଯୁବକ ଟାଟା ମ୍ୟାଜିକ ଗାଡ଼ିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପର୍ଶୁରାମ ମଧ୍ୟ ଦୌଡ଼ି ପଳାଇଥିଲେ। ଟେକ୍ନିସିଆନ ବେହେରାଙ୍କଠାରୁ ଖବର ପାଇ ଚିତ୍ରଡ଼ା ଫାଣ୍ଡି ଅଧକାରୀ ନିରଞ୍ଜନ ସୋରେନ ପହଞ୍ଚି ଖୋଜାଖୋଜି କରିବା ପରେ ପର୍ଶୁରାମଙ୍କୁ ପାଟପୁର ଛକ ନିକଟରୁ କାବୁ କରି ଫାଣ୍ଡିକୁ ଆଣିଥିଲେ। ଏନେଇ ମୋରଡ଼ା ଥାନାରେ ଏକ ମାମଲା(ନଂ. ୯୦/୨୪) ରୁଜୁ ହୋଇଛି।

# ଅବକାରୀ ବିଭାଗରେ ୨ ଡିଏସ୍‌ପି ନିଯୁକ୍ତ

ବାରିପଦା,୧୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ୨ଜଣ ଅତିରିକ୍ତ ଅବକାରୀ ଅଧୀକ୍ଷକ ନିଯୁକ୍ତ ହୋଇଛନ୍ତି। ସେମାନେ ହେଲେ ବାରିପଦା ମୁଖ୍ୟାଳୟ ପାଇଁ ତପସ୍ୱିନୀ ନାଏକ ଓ ରାଇରଙ୍ଗପୁର ପାଇଁ ସୌମ୍ୟ ରଞ୍ଜନ ବେହେରା। ତପସ୍ୱିନୀ ନାଏକ ଚାକିରିରେ ନୂତନ ହୋଇଥିବା ବେଳେ ସୌମ୍ୟ ରଞ୍ଜନ ବେହେରା ପୂର୍ବରୁ ଖୁଣ୍ଟା ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ ତୁଲାଇଥିଲେ। ତେବେ ଚାକିରିରେ ଥାଇ ସେ ଓପିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇ କୃତକାର୍ଯ୍ୟ ହୋଇ ନୂତନ ବିଭାଗ ତଥା ପଦବୀରେ ଯୋଗଦେଇଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁର ଉଭୟଙ୍କୁ ସ୍ୱାଗତ ଜଣାଇବା ସହିତ ଦାୟିତ୍ୱ ବଣ୍ଟନ କରିଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ପୂର୍ବରୁ କେବଳ ଜଲା ମୁଖ୍ୟାଳୟ ପାଇଁ ଅବକାରୀ ଅତିରିକ୍ତ ଅଧୀକ୍ଷକ ପଦବୀ ଥିଲା ତେବେ ଏହା ଦୀର୍ଘ ଦିନ ଧରି ଖାଲି ପଡିଥିଲା। ଫଳରେ ଅଧୀକ୍ଷକ ଓ ଇନ୍ସପେକ୍ଟରଙ୍କ ଉପରେ ଅଧିକ ଚାପ ରହୁଥିଲା। ସେହିପରି ରାଇରଙ୍ଗପୁର ପାଇଁ ଅବକାରୀ ବିଭାଗ ପକ୍ଷରୁ ପ୍ରଥମ ଥର ଲାଗି ନୂଆ ପଦବୀ ସୃଷ୍ଟି ସାଙ୍ଗକୁ ନୂତନ ନିଯୁକ୍ତି ପରେ ବିଭାଗ ତାର କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି କହଁର କହିଛନ୍ତି।

# ଜିଲାପାଳଙ୍କୁ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଦାବିପତ୍ର

ବାରିପଦା,୧୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ମୟୂରଭଞ୍ଜ ଜିଲା ଶାଖାର କର୍ମକର୍ତ୍ତାମାନେ ମଙ୍ଗଳବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଭେଟି ଜିଲାର ଜନସାଧାରଣଙ୍କ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ସଭାପତି ବିଭୂତି ଭୂଷଣ ସଦୁଆଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାର ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ପଥର ବ୍ଲାଷ୍ଟିଙ୍ଗ, ଖଣି ଲୁଟ୍ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ବିଶେଷ କରି ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତ ଅନ୍ତର୍ଗତ କଳାପାହାଡିରେ ହେଉଥିବା ବ୍ୟାପକ ବେଆଇନ ବ୍ଲାଷ୍ଟିଙ୍ଗ ଏବଂ ପଥର ପରିବହନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷଣ ହେଉଛି। ବ୍ଲାଷ୍ଟିଙ୍ଗ ଦ୍ୱାରା ସ୍ଥାନୀୟ ଲୋକଙ୍କ ଘରର କାନ୍ଥ ଫାଟି ଯିବା ସହ ଚାଷଜମିରେ ପଥର ଗୁଣ୍ଡ ପଡ଼ି ବ୍ୟାପକ ଫସଲହାନି ହେଉଛି। ସେହିପରି ଜଳାଶୟରେ ମଧ ପଥର ଗୁଣ୍ଡ ପଡ଼ ଜଳ ପ୍ରଦୂଷିତ ହେଉଛି। କିଛି ପ୍ରଭାବଶାଳୀ ବ୍ୟକ୍ତି ଏକ ବୃହତ ଜଳାଶୟକୁ କବଜା କରି ଅର୍ଦ୍ଧାଧିକ ପୋତି ଦେବାରୁ ଏହାର ଜଳ ମଧ ଗୃହପାଳିତ ପ୍ରାଣୀମାନଙ୍କ ପାନୀୟ ଉପଯୋଗୀ ହୋଇପାରୁ ନାହିଁ। ସ୍ଥାନୀୟ ଜନସାଧାରଣ ବିଭିନ୍ନ ସମୟରେ ସ୍ଥାନୀୟ ଅଧିକାରୀ, ବ୍ଲକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି ମଧ କୌଣସି ସୁଫଳ ମିଳି ପାରିନାହିଁ। ମଞ୍ଚର ଜିଲା ସମ୍ପାଦକ ଆଲୋକ କୁମାର ରଣା , ଉପସଭାପତି ମୁକ୍ତିକାନ୍ତ ଜିଓ, କୋଷାଧ୍ୟକ୍ଷ ହରନାରାୟଣ ମିଶ୍ର, ସୁନିଲ କୁମାର ହୋତା, ରାଧା ଗୋବିନ୍ଦ ବେହେରା, ଉଦୟନାଥ ଜେନା ଓ ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଛନ୍ତି।

# ଏମ୍‌ପିସି କଲେଜ ଛାତ୍ରୀଛାତ୍ର କମନ୍‌ରୁମ୍‌ର ବାର୍ଷିକୋତ୍ସବ

ବାରିପଦା,୧୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର କମନ ରୁମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜର ଏକାଡେମିକ ମୁଖ୍ୟ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ଜୀବନରେ ଅବସର ବିନୋଦନ ତଥା କ୍ରୀଡ଼ାର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କଲେଜର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହ ସର୍ବ ଭାରତୀୟସ୍ତରରେ କଲେଜ ଛାତ୍ରୀଛାତ୍ରଙ୍କ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଇଣ୍ଡୋର କ୍ରୀଡ଼ା ପ୍ରତିଯୋଗିତା ଯଥା ଚେସ୍, କ୍ୟାରମ, ଟେବୁଲ ଟେନିସ, ବ୍ୟାଡମିଣ୍ଟନରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ କମନରୁମର ଉପସଭାପତି ଅଧାପିକା ରାଇମଣି ମାରାଣ୍ଡି ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଛାତ୍ର କମନରୁମ ଉପସଭାପତି ଅଧାପକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପ୍ରଶାସନିକ ମୁଖ୍ୟ ଡ. ଦୀପକ ବେହେରା, ବିତ୍ତୀୟ ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ, କମନରୁମ କମିଟି ସଦସ୍ୟ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଆଲେକ୍ସ ହେମ୍ବ୍ରମ, ନାରାୟଣ ବେହେରା, ମଧୁସ୍ମିତା ସିଂ, ସୋନାଲି ମହାନ୍ତ, ମଧୁ ମଞ୍ଜରି ସିଂ, ଇତିଶ୍ରୀ ସେଠୀ, ସ୍ୱୟଂପ୍ରଭା ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଏନ୍‌ଏଚ୍‌ଏମ୍ କର୍ମଚାରୀଙ୍କୁ ନିୟମିତ କରିବାକୁ ଦାବି

ବାରିପଦା,୧୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଦାବିପତ୍ର ଦେବାକୁ ଆସିଥିବା ଏନ୍‌ଏଚ୍‌ଏମ୍ କର୍ମଚାରୀମାନେ।

ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅଧୀନରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ନିୟମିତ କରିବା ନେଇ ଦାବି ହୋଇଛି। ଏନେଇ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ବାରିପଦାଠାରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗରେ ୧୮ ବର୍ଷ ଧରି ଉକ୍ତ କର୍ମଚାରୀମାନେ ଚୁକ୍ତିଭିତ୍ତିକ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ଦିବାରାତ୍ରି ସେବା ଯୋଗାଇବା ସହ କୋଭିଡ୍ ସମୟରେ ମଧ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଛନ୍ତି। କିନ୍ତୁ ସେମାନଙ୍କୁ ନିୟମିତ କରାଯାଉନାହିଁ। ପୂର୍ବରୁ ମଧ ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀମାନଙ୍କ ଚାକିରି ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଅନ୍ୟାନ୍ୟ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ଘୋଷଣା ହୋଇଥିବା ବେଳେ ସେମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ନିୟମିତ କରିବା ଦାବି ପୂରଣ ହେଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଚାକିରି ନିୟମିତ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସହଯୋଗ ଆନ୍ଦୋଳନ କରିବା ନେଇ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

